# ନୂତନ ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବଅଁରପାଳ, ୧।୩(ସମିସ)**

ଗୋତମରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବଅଁରପାଳ ଶାଖା ଅଧୀନରେ ପ୍ରାଥମିକ କୃଷି ସେବା ସମବାୟ ସମିତି ଗଠନ କରାଯିବା ସହ ନୂତନ କାର୍ଯ୍ୟାଳୟର ଶୁଭ ଉଦଘାଟନ ହୋଇଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳକ ଉନ୍ମୋଚନ ପୂର୍ବକ ନୂତନ କାର୍ଯ୍ୟାଳୟର ଉଦଘାଟନ କରିଥିଲେ। ସୂଚନାଯୋଗ୍ୟ ଯେ, ବୁଢ଼ାପଙ୍କ ସମିତି ଅଧୀନରେ ଥିବା ଗୋତମରା ଓ ବଳରାମପ୍ରସାଦ ସମିତି ଅଧୀନରେ ଥିବା ଭୋଗବେରେଣୀ ପଞ୍ଚାୟତକୁ ନେଇ ଏହି ନୂତନ ପ୍ରାଥମିକ କୃଷି ସେବା ସମବାୟ ସମିତି ଗଠନ କରାଯାଇଛି। ଏହି ଅବସରରେ ଗ୍ରାମର ଆଇନଜୀବୀ ବିଘୋଷ ରଞ୍ଜନ ସିଂହଙ୍କ ସଭାପତିତ୍ୱରେ




ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀଯୁକ୍ତ ସିଂହ ଓ ସମ୍ମାନୀୟ ଅତିଥି ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମର ପ୍ରଧାନ ଏହି ସମିତିକୁ ଏକ ଆଦର୍ଶ ସମିତି ଭାବେ ଗଢ଼ିବାକୁ ସମସ୍ତଙ୍କ ସହଯୋଗ କାମନା କରିବା ସହ ବହୁ ସଂଖ୍ୟାରେ ସଭ୍ୟପଦ ଗ୍ରହଣ କରିବାକୁ ଉପସ୍ଥିତ ଦୁଇ ପଞ୍ଚାୟତବାସୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମର ନାଥ, ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମର ପରିଡ଼ା, ବଅଁରପାଳ ମଣ୍ଡଳ ନିର୍ଦ୍ଦେଶିକା ଜୟନ୍ତୀ ମାଝୀ, ଶାଖା ପରିଚାଳକ ସଞ୍ଜିତ କୁମର ମିଶ୍ର, ସମିତି ସଭାପତି ପୂର୍ଣଚନ୍ଦ୍ର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରଶାନ୍ତ କୁମର ରାଉତ, ସ୍ଥାନୀୟ ସରପଞ୍ଚ ମଣ୍ଟୁ ବରାହ, ସମିତିସଭ୍ୟ ରାମଚନ୍ଦ୍ର ଭୋଳ, ଯୁବନେତା ଅରୁଣାଭ ସିଂହ, ବୁଢ଼ାପଙ୍କ ସମିତି ନିର୍ଦ୍ଦେଶକ ସୁବାଷ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ରବିନାରାୟଣ ବେହେରାଙ୍କ ସମେତ କୃଷକ ଭାଇଭଉଣୀ, ଜମାକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ



**ଅନୁଗୋଳ,୧।୩ (ସମିସ):** ଆଜି ପୂର୍ବାହ୍ନରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅକ୍ତର ବୈଠକରେ ଅଧ୍ୟକ୍ଷତା କରି ଆଗାମୀ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା କରିବା ନିମନ୍ତେ ବିଶୁଦ୍ଧ ପାନୀୟ ଜଳ, ଅଂଶୁଘାତ ସମସ୍ୟା ଓ ଅନ୍ୟାନ୍ୟ ପଦକ୍ଷେପଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅଚଳ ନଳକୂପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ୍ ପ୍ୟାକେଟ୍ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଅଂଶୁଘାତରୁ ରକ୍ଷାପାଇବା ପାଇଁ ଶ୍ରମିକମାନଙ୍କ କାର୍ଯ୍ୟସ୍ଥଳୀରେ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣିର ବ୍ୟବସ୍ଥା କରିବା ସହ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦକରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାନବାହାନଗୁଡିକରେ ବିଶୁଦ୍ଧ ପାନୀୟ ଜଳ ଏବଂ ଓଆରଏସ୍ ମହଜୁଦ ରଖିବା ପାଇଁ ପରିବହନ ବିଭାଗକୁ ପରାମର୍ଶ ଦିଆଯାଇଛି। ଜଳକ୍ଳିଷ୍ଟ ଅଞ୍ଚଳ ଗୁଡିକରେ ଭ୍ରାମ୍ୟମାଣ ଟ୍ୟାଙ୍କର ଯୋଗେ ପିଇବା ପାଣିର ବ୍ୟବସ୍ଥା କରିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଂଶୁଘାତର ସଫଳ ମୁକାବିଲା କରିବା ନିମନ୍ତେ ବ୍ଲକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ଆବଶ୍ୟକୀୟ ସେବା ଯୋଗାଇଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ନିରବଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକ ସ୍ଥଳେ ଜନଗହଳିପୂର୍ଣ୍ଣ ସ୍ଥାନ ଗୁଡିକରେ ଜଳଛତ୍ର ଖୋଲିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

■ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ

# ୧୨ ହିତାଧିକାରୀଙ୍କୁ ହୁଇଲ ଚେୟାର ବଣ୍ଟନ

**ଅନୁଗୋଳ, ୧।୩ (ସମିସ):** ଆଜି ପୂର୍ବାହ୍ନରେ ଜିଲ୍ଲା ତଥା ଉପଖଣ୍ଡସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ -୨୦୨୪ ଖଲାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟେନ୍ଦୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ହୁଇଲ ଚେୟାର ବାସ୍କେଟ ବଲ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୁଇଲ ଚେୟାର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୧୦ ଜଣ ଭିନ୍ନକ୍ଷମ ବ୍ୟକ୍ତି, ସେମାନଙ୍କ ସହଯୋଗୀ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଶିବିରରେ କୃତ୍ରିମ ଅଙ୍ଗ ପାଇଁ ଚିହ୍ନଟ ତଥା ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ୧୨ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକରୀ ଡ. ବିଶ୍ୱ ଭୂଷଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭଗର କର୍ମକର୍ତ୍ତା ସହଯୋଗରେ ପାଳନ ହୋଇଯାଇଛି।




# କୋଲ୍ ଇଣ୍ଡିଆର ଉନ୍ନତ ପ୍ରଦର୍ଶନକୁ ଅଧ୍ୟକ୍ଷଙ୍କ ପ୍ରଶଂସା



**ତାଳଚେର, ୧।୩(ସମିସ):** ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ମଧ୍ୟରେ ଉନ୍ନତ ପ୍ରଦର୍ଶନ ପାଇଁ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡକୁ କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ ଭୂୟସୀ ପ୍ରଶଂସା କରିଛନ୍ତି। ସମ୍ବଲପୁରର କର୍ପୋରେଟ ଅଫିସରେ ଏମସିଏଲର ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପ୍ରସାଦ ପରିଚାଳନାଗତ ଚ୍ୟାଲେଞ୍ଜଗୁଡ଼ିକୁ ଫଳପ୍ରଦ ସମାଧାନ ତଥା ବାର୍ଷିକ ଲକ୍ଷ୍ୟ ହାସଲ ପାଇଁ ସ୍ଥିର ଅଭିବୃଦ୍ଧି ବଜାୟ ରଖିଥିବାରୁ କମ୍ପାନୀକୁ ପ୍ରଶଂସା କରିଥିଲେ। କୋଲ ଇଣ୍ଡିଆର ପ୍ରଦର୍ଶନର ମୂଳଦୁଆ ଭାବରେ ଏମସିଏଲକୁ ଏକ ମାଇଲଖୁଣ୍ଟ ଭାବେ ବର୍ଣ୍ଣନା କରି ଅଧ୍ୟକ୍ଷ ଶ୍ରୀ ପ୍ରସାଦ ଏମସିଏଲ ଟିମ୍ ର ପ୍ରତ୍ୟେକ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ। ଦେଶର ଶକ୍ତି ନିରାପତା ସୁନିଶ୍ଚିତ କରିବାରେ ଏମସିଏଲର ପ୍ରମୁଖ ଭୂମିକାକୁ ଆଲୋକପାତ କରି ଶ୍ରୀ ପ୍ରସାଦ କମ୍ପାନୀର ନିରନ୍ତର ଅଭିବୃଦ୍ଧି ଉପରେ ଆଶାବାନ ହୋଇଥିଲେ। ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରମୁଖ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏମସିଏଲର ସିଏମଡି, ଉଦୟ ଏ.କାଓଲେ, ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏ.କେ ବେହୁରା ଏବଂ ନିର୍ଦ୍ଦେଶକ(ବୈଷୟିକ / ପରିଯୋଜନା ଏବଂ ଯୋଜନା) ଏ.କେ. ବାପତ ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ଦାବିରେ ୮ ମାସ ହେଲା ଚାଲିଛି ଧାରଣା



**କଣିହାଁ, ୧।୩(ସମିସ):** କଣିହା ବ୍ଲକ ସମଲ ଆନିକଟରେ ୨୦ ମେଗାୱାଟର ଜଳବିଦ୍ୟୁତ ପ୍ରକଳ୍ପ କରିଥିବା ଓପିସିଏଲରେ କ୍ଷତିଗ୍ରସ୍ତ କୁଲେଇ ଗ୍ରାମର ୧୦ ଟି ପରିବାର ନିଯୁକ୍ତି ଦାବିରେ ପ୍ରକଳ୍ପ ଫାଟକ ସମ୍ମୁଖରେ ୮ ମାସ ହେଲା ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ୨୦୨୪ ରେ ଦାବି ପୂରଣ ହେବା ଆଶା ରଖିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଥି ଯୋଗୁଁ ଅସନ୍ତୋଷ ବଢୁଥିବା ବେଳେ ଶୁକ୍ରବାର ଆନ୍ଦୋଳନ ସ୍ଥଳକୁ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, କଣିହା ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସମର୍ଥନ ଜଣାଇଥିଲେ। ସୂଚନାରୁ ଜଣାଯାଏ ଯେ, ୨୦୦୫ ମସିହାରେ ଓପିସିଏଲ୍ କର୍ତ୍ତୃପକ୍ଷ ୨୨ ଜଣ କ୍ଷତିଗ୍ରସ୍ତଙ୍କୁ ସୁରକ୍ଷାକର୍ମୀ ପ୍ରଶିକ୍ଷଣ ପାଇଁ ଜାମସେଦପୁର ପଠାଇଥିଲେ। ଟ୍ରେନିଂ ପ୍ରାପ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ନିଯୁକ୍ତି ମିଳିଥିଲା। ସେଥିମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୪ ଜଣ ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି। ଅନ୍ୟ କାହାକୁ ଆଜି ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଉନାହିଁ। ବହୁବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ୨୦୨୩ ଜୁନ ୦୯ ତାରିଖରୁ କ୍ଷତିଗ୍ରସ୍ତ ପରିବାରର ମହିଳା ପୁରୁଷ ଗଣଧାରଣା ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଦାବିକୁ ନେଇ ଓପିସିଏଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ବ୍ଲକ ଅଧ୍ୟକ୍ଷ ପ୍ରଧାନ ପ୍ରକାଶ କରିଛନ୍ତି।

# ବିଜେଡି ଯୁବ ସମ୍ମିଳନୀ ଲାଗି ପ୍ରସ୍ତୁତି ବୈଠକ

**କଣିହାଁ, ୧।୩ (ସମିସ):** କଣିହା ବ୍ଲକସ୍ଥିତ ବିଜିଗୋଳ ପଞ୍ଚାୟତ ଅନ୍ତର୍ଗତ ଭୀମକାଣ୍ଡ ଶିବମନ୍ଦିର ପ୍ରାଙ୍ଗଣରେ ବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ରିୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ନିର୍ଦ୍ଦେଶ କ୍ରମେ ଅନୁଗୋଳ ସଂଯୁକ୍ତ ସେବା ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ଯୋଗଦେଇ ଚଳିତ ମାସ ତିନି ତାରିଖ ଦିନ ତାଳଚେର ସ୍ଥିତ ସିଙ୍ଗଡ଼ା ଗ୍ରାମର ଖେଳ ପଡିଆରେ ଯୁବ ସମ୍ମିଳନୀରେ କଣିହା ବ୍ଲକର ପ୍ରତ୍ୟେକଟି ପଞ୍ଚାୟତରୁ ଶତାଧିକ ଯୁବକ ମୋଟର ସାଇକଲ ଶୋଭାଯାତ୍ରାରେ ଯାଇ ସଭାରେ ଯୋଗଦେବାକୁ ପ୍ରସ୍ତୁତି ବୈଠକ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଜିଗୋଳ ସରପଞ୍ଚ ରୁକ୍ମଣୀ ପ୍ରଧାନ କୀର୍ତ୍ତନ ସାହୁ, ଯୁବ ସଭାପତି ସୁରଥ କୁମାର ସାହୁ, ବିଶ୍ୱରଞ୍ଜନ ମହାନ୍ତି, ରାମଚନ୍ଦ୍ର ସାହୁ, ନୀରଜ ସାହୁ, କାଦୁଅ ବେହେରା, କ୍ଷେତ୍ରବାସୀ ସାହୁ, ଟିକନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ତାଳଚେର ଉପଜିଲ୍ଲାପାଳଙ୍କ ଦ୍ୱାରା ହୁଇଲ ଚେୟାର ପ୍ରଦାନ

**ତାଳଚେରସଦର, ୧।୩ (ସମିସ):** ତାଳଚେର ଉପଖଣ୍ଡ ଠାରେ ଉପଜିଲ୍ଲାପାଳଙ୍କ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ହୁଇଲ ଚେୟାର ଦିବସ ଅବସରରେ ତାଳଚେର ଦେଉଳ ବେଡ଼ା ଗ୍ରୀନ ଗ୍ୟାଲେରୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁସ୍ମିତା ଦେହୁରୀ ଓ ନିବେଦିତା ନାୟକ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ଯଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିନାଶିନୀ ନାଏକ, କଣିହାଁ ଭାରପ୍ରାପ୍ତ ଅଧିକାରୀ ଟୁକୁନା ବେହେରା ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଂସ୍କୃତିକ କାଯ୍ୟକ୍ରମ କ୍ରୀଡ଼ା ପ୍ରତିଯୋଗିତା, ଡାନ୍ସ ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା, ଚିତ୍ରାଙ୍କନ, ଋ୍ୟାନସି ଡ୍ରେସ ଇତ୍ୟାଦିର ଆୟୋଜନ କରାଯାଇଥିଲା। ସେଥି ମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ୭ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଦିଆଯାଇଥିଲା।

## ୬୦ ୟୁନିଟ୍ ରକ୍ତ ସଂଗୃହୀତ

**ତାଳଚେରସଦର, ୧।୩ (ସମିସ):** ଇଣ୍ଟର ନ୍ୟାସନାଲ ହ୍ୟୁମାନ ରାଇଟସ କାଉନସିଲ ପକ୍ଷରୁ ରେଡକ୍ରସ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଭରତପୁର କୋଲିୟରୀ ବ୍ରାହ୍ମଣୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଭରତପୁର କ୍ଷେତ୍ରର ପ୍ରକଳ୍ପ ଅଧିକାରୀ ସୁନୀଲ ଶର୍ମା, ଭରତପୁର ଏରିଆର କାର୍ମିକ ଅଧିକାରୀ ମାନସ ରଞ୍ଜନ ଜେନା, ଇଣ୍ଟର ନ୍ୟାସନାଲ ହ୍ୟୁମାନ ରାଇଟସ କାଉନସିଲର ରାଜ୍ୟ ସଭାପତି ଦେବେନ୍ଦ୍ର ସିଂ, କାର୍ଯ୍ୟକାରୀ ସମ୍ପାଦକ ସଦାନନ୍ଦ ବେହେରା, ବ୍ଲକ ବୋର୍ଡ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଭୂତିଆ, କାର୍ଯ୍ୟକାରୀ ସମ୍ପାଦକ, ତାଳଚେର ବ୍ଲକ ବୋର୍ଡ଼ ସୌମ୍ୟକାନ୍ତ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସଂଚାଳନ କରିଥିଲେ। ତାଳଚେର ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାକର ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ କୁମାର ସାହୁ ତାଙ୍କର ୬୯ତମ ରକ୍ତଦାନ କରି ରୋଗୀମାନଙ୍କ ସେବା କରିବା ହେତୁ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଉକ୍ତ ଶିବିରରୁ ମୋଟ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।



## ୪୬ ୟୁନିଟ୍ ରକ୍ତ ସଂଗ୍ରହ



**ଅନୁଗୋଳ, ୧।୩ (ସମିସ):** ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ୍ ଓ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଲୱେ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ଶିବିରରେ ମୋଟ୍ ୪୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଶକ୍ତିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିବା ବେଳେ ଏଥିରେ ସିନିୟର ଡିଇଇ ସତବୀର ସିଂହ, ଡିଇଇ ଦୀପାଞ୍ଜନ ସରକାର, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର ସଭାପତି ଏସ୍ କେ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ପିକେ ପାଟ୍ଟଶାଣୀ, ଡିଭିଜନାଲ କୋଅର୍ଡିନେଟର ଆରକେ ଦାଶ, ସାଙ୍ଗଠନିକ ସମ୍ପାଦକ ସଞ୍ଜୟ କୁମାର ସାହୁ, ସହ ସମ୍ପାଦକ ଚନ୍ଦ୍ରଶେଖର କୁମାର ଓ ଶିବପ୍ରସାଦ ସାହୁ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ୟୁନିୟନର କର୍ମକର୍ତ୍ତା ଓ ସଦସ୍ୟମାନେ ବେଶ୍ ଉତ୍ସାହର ସହ ରକ୍ତଦାନ କରିଥିଲେ।

**ଶଯ୍ୟାଶାୟୀ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଲାଗି ଗୃହଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ**

# ୩୯ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ, ପେନ୍ ଡ୍ରାଇଭ୍ ପ୍ରଦାନ

**ଅନୁଗୋଳ, ୧।୩ (ସମିସ):**

ସ୍ଥାନୀୟ ପୁରୁଣା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଠାରେ ଶଯ୍ୟାଶାୟୀ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗୃହଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ଅନୁଗୋଳ ଆନୁକୂଲ୍ୟରେ ଶୁଭାରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଓ କାର୍ଯ୍ୟକ୍ରମ ସଂଯୋଜକ ଭାବରେ ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକରୁ ୧୫ ଜଣ, ବନରପାଳ ବ୍ଲକରୁ ୧୦ ଜଣ, ତାଳଚେର ବ୍ଲକରୁ ୧୦ ଜଣ ଓ ଛେଣ୍ଡିପଦା ବ୍ଲକରୁ ୪ ଜଣ ଶଯ୍ୟାଶାୟୀ ଭିନ୍ନକ୍ଷମଙ୍କୁ ମିଶାଇ ସମୁଦାୟ ୩୯ ଜଣ ଯୋଗଦାନ କରି ଅତିଥିମାନଙ୍କ ଠାରୁ ଅଡିଓ ଉପକରଣ ଓ ବିଦ୍ୟାଳୟ ଓ ଗଣଶିକ୍ଷା ଦ୍ୱାରା ରେକର୍ଡିଂ କରାଯାଇଥିବା ପ୍ରଥମରୁ ଦଶମ



ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ବିଷୟବସ୍ତୁର କଥନ ପୁସ୍ତକ ପେନ୍ ଡ୍ରାଇଭ ଗ୍ରହଣ କରିଥିଲେ। ଏହି ଉପକରଣ ମାଧ୍ୟମରେ ସେମାନେ ନିଜ ଘରେ ଥାଇ କଥନ ପୁସ୍ତକଗୁଡିକୁ ଶୁଣି ପାଠ ପଢିପାରିବେ ଏବଂ ସବିଶେଷ ବୁଝାସୁଝା ପାଇଁ ନିଜ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କ ପରାମର୍ଶ ନେଇ ପାରିବେ। ଏଥିସହିତ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ଅନ୍ତର୍ନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ଓ ବ୍ଲକସ୍ତରରେ କାର୍ଯ୍ୟ କରୁଥିବା ଅନ୍ତର୍ନିବେଶି ଶିକ୍ଷା ସାଧନକର୍ମୀମାନେ ସେମାଙ୍କୁ ନିୟମିତ ଭାବରେ ଗୃହଭିତ୍ତିକ ଶିକ୍ଷା ପରାମର୍ଶ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅଡିଓ ଉପକରଣ ଚଳାଇବା ଓ କଥନପୁସ୍ତକର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହିପରି ଅନୁରୂପ କାର୍ଯ୍ୟକ୍ରମ ଆଗାମୀ ୬ ତାରିଖରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକ ଦୁଇଟିରେ ଓ ୭ରେ ପାଲଲହଡ଼ା ଓ କଣିହାଁ ବ୍ଲକରେ ଆରମ୍ଭ କାରାଯିବାର ବ୍ୟବସ୍ଥା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଅନୁଗୋଳ ବ୍ଲକର ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ, ଅନ୍ତର୍ନିବେଶି ଶିକ୍ଷା ସାଧନକର୍ମୀ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।



### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଚକ ଚୌକି ଦିବସ

# ସମସ୍ୟା ଜଣାଇଲେ ସମାଧାନ ହେବ: ଜିଲ୍ଲାପାଳ



**ଭିନ୍ନକ୍ଷମଙ୍କୁ ନିଜ ମୋବାଇଲ ନମ୍ବର ଦେଲେ**

କେନ୍ଦ୍ରାପଡ଼ା, ୧।୩(ସମିସ):

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ଆନ୍ତର୍ଜାତୀୟ ଚକଚୌକି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ସକାଳ ୮ ଘଟିକା ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ୩୦ ଜଣ ଚଳନ୍ତି ବାଧିତ ପିଲାମାନଙ୍କୁ ନେଇ ଇନଡୋର ଷ୍ଟାଡିୟମରେ ବାସ୍କେଟ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏ ଓ ବି ଦଳ ମଧ୍ୟରେ ୫ଟି ମ୍ୟାଚ ଖେଳାଯାଇ ପ୍ରଶାନ୍ତ ନାୟକଙ୍କ ନେତୃତ୍ୱରେ ଟିମ 'ବି', 'ଏ' ଟିମ୍‌କୁ ୩-୨ ପଏଣ୍ଟରେ ହରାଇ ଚାମ୍ପିଅନ ହୋଇଥିଲେ। ଠିକ ୯:୩୦ ମିନିଟ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ଭିନ୍ନକ୍ଷମ, ସାଧାରଣ ବ୍ୟକ୍ତି ଓ ସ୍ୱତନ୍ତ୍ର ବିଦ୍ୟାଳୟର ଅନ୍ତେବାସୀଙ୍କୁ ନେଇ ସହର ପରିକ୍ରମା କରି ମ୍ୟୁନିସିପାଲିଟି ଟାଉନ ହଲରେ ପହଞ୍ଚିଥିଲା। ଟାଉନ ହଲରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ସଚେତନତା ସୃଷ୍ଟି କରୁଥିବା ୩ ଟି ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ୧୧.୩୦ ଘଟିକା ରୁ ୧୨.୩୦ ଅପରାହ୍ନ ଯାଏ ଆରପିଡବ୍ଲ୍ୟୁଡି ଆକ୍ଟ- ୨୦୧୬ ଉପରେ ପୁନର୍ବାସ, କେନ୍ଦ୍ରାପଡ଼ା ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ୧୨.୩୦ ମିନିଟ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଚକ ଚୌକି ଦିବସ ପାଳନର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, କଥାକାର ଡଃ ବିରଜା ରାଉତରାୟ, ଭାରତୀୟ ମହିଳା ବାସ୍କେଟ ଦଳର ଅଧିନାୟକ ସୁନିତା ପରିଡ଼ା, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଯୋଗଦେଇଥିଲେ। ଭିନ୍ନକ୍ଷମଙ୍କ ପାଇଁ ଆବଶ୍ୟକୀୟ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ଡଃ ବିରଜା ରାଉତରାୟ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଭିନ୍ନକ୍ଷମମାନଙ୍କ ଉନ୍ନତି ସମସ୍ତ ପ୍ରକାର ସହାୟତା କରିବେ ବୋଲି ପ୍ରତିଶୃତି ଦେବା ସହ କାହାର କିଛି ଅସୁବିଧାକୁ ତାଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବରକୁ ଜଣାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପରିଶେଷରେ ବାସ୍କେଟ ବଲ ଟିମର ସବୁ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ବି ଓ ଏ ଟିମଙ୍କୁ ୩ ହଜାର ଓ ୨ ହଜାର କରି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହାବାଦ ଯୋଗ ଦେଇଥିବା ବହୁ ଭିନ୍ନକ୍ଷମ କଳାକାରଙ୍କୁ ପ୍ରମାଣ ପତ୍ର ଉପଢୌକନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ପ୍ରଥମ କରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରେ ବାସ୍କେଟ ବଲ ପ୍ରତିଯୋଗୀତା ଏକ ଭିନ୍ନ ସ୍ୱାଦ ଭରି ଦେଇଥିବା ଦର୍ଶକମାନେ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମକର୍ତ୍ତା, ସମସ୍ତ ବ୍ଲକ, ମ୍ୟୁନିସପାଲିଟି ଓ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଶେଷରେ ନିମାଇଁ ଚରଣ ମାନସିକ ଅନଗ୍ରସର ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସିବିରେ ୧୦ମ କାଡାଭରିକ କିଡନୀ ପ୍ରତିରୋପଣ

### ପିପିଲିର ସୁନୀତାଙ୍କୁ ମିଳିଲା ନୂଆ ଜୀବନ



କଟକ, ୧।୩(ସମିସ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳ ଅଧ୍ୟାୟ ଯୋଡ଼ି ଚାଲିଛି କଟକର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ। ପୁଣିଥରେ ଏଠାରେ କାଡାଭରିକ କିଡନୀ ପ୍ରତିରୋପଣ ସଫଳତାର ସହ ଶେଷ ହୋଇଛି। ପିପିଲିର ସୁନୀତା ମହାପାତ୍ରଙ୍କ ଶରୀରରେ ଗୋଟିଏ କିଡନୀ ପ୍ରତିରୋପିତ ହୋଇଛି। ତେବେ ଏଥି ସହିତ କଟକ ବଡ ମେଡିକାଲରେ କାଡାଭରିକ କିଡନୀ ପ୍ରତିରୋପଣ ସଂଖ୍ୟା ୧୦ ଛୁଇଁଛି। ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସମୀର ସ୍ୱାଇଁଙ୍କ ନେତୃତ୍ୱରେ ଡାକ୍ତର ସଞ୍ଜୟ ଚୌଧୁରୀ, ଡାକ୍ତର ପ୍ରୀତମ ପଟ୍ଟନାୟକ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟ, ଡାକ୍ତର ରାକେଶ ରାଉତରାୟ, ଡାକ୍ତର ଉଦୟ ବେହେରା ଏବଂ ଡାକ୍ତର ରଞ୍ଜିତା ଏହି ପ୍ରତିରୋପଣ କରିଥିଲେ।
ମିଳିଥିବା ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ନୟାକୋଟ ଗାଁର ୧୭ବର୍ଷୀୟ ଓମ୍ ଶିବୁ ବ୍ରେନଟ୍ୟୁମରରେ ପୀଡ଼ିତ ହୋଇ ଏସ୍‌ସିବି ନ୍ୟୁରୋସର୍ଜରୀ ବିଭାଗରେ ଚିକିତ୍ସିତ ହେଉଥିଲେ। ଶିବୁଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ସଙ୍କଟାପନ୍ନ ହୋଇ ପଡ଼ିଥିଲା। ଗୁରୁବାର ରାତିରେ ଶିବୁଙ୍କୁ ଡାକ୍ତରମାନେ ବ୍ରେନ ଡେଡ୍ ଘୋଷିତ କରିଥିଲେ। ଏହା ପରେ ତାଙ୍କର ପରିବାର ଲୋକଙ୍କ ସହମତିକ୍ରମେ ଅଙ୍ଗଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ(ସୋଟୋ) ସହ ମେଡିକାଲ କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ଏସ୍‌ସିବି ମେଡ଼ିକାଲର ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ ହୋଇଥିଲା। ଶିବୁଙ୍କ ଶରୀରରୁ ଦୁଇଟି ଯାକ କିଡନୀ ସଫଳତାର ସହ କଢ଼ା ଯାଇଥିଲା। ଶୁକ୍ରବାର ରାତିରେ ପିପିଲିର ସୁନୀତା ମହାପାତ୍ରଙ୍କ ଶରୀରରେ ଗୋଟିଏ କିଡନୀ ପ୍ରତିରୋପଣ କରାଯାଇଥିଲା। ଅନ୍ୟ ଏକ କିଡନୀଟି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଯାଇଥିବା ନେଇ ୟୁରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସ୍ୱାଇଁ ସୂଚନା ଦେଇଛନ୍ତି। ୨୧ବର୍ଷୀୟ ସୁନୀତା କିଛି ବର୍ଷ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। କିଡନୀ ପ୍ରତିରୋପଣ ପରେ ତାଙ୍କୁ ଏକ ନୂଆ ଜୀବନ ମିଳିଛି।

# ପୁନର୍ବାସ ପକ୍ଷରୁ ଅନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ



କେନ୍ଦ୍ରାପଡ଼ା, ୧।୩(ସମିସ): ଭିନ୍ନକ୍ଷମଙ୍କ ସାମାଜିକ ଅନ୍ତର୍ଭୁକ୍ତି ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ଆନ୍ତର୍ଜାତୀୟ ହ୍ୱିଲ୍‌ଚେୟାର ଦିବସ ପାଳନ କରାଯାଇଛି। ସକାଳେ ପୁନର୍ବାସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ(ସାମାଜିକ ସୁରକ୍ଷା) ସହାୟତାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ କରି ଏକ ହ୍ୱିଲ୍‌ଚେୟାର ବାସ୍କେଟ ବଲ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ପାରା କ୍ରୀଡାବିତ୍ ଯୋଗ ଦେଇ ସେମାନଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଭାରତୀୟ ମହିଳା ପାରା ବାସ୍କେଟ୍ ବଲ୍ ଦଳର ଅଧିନାୟିକା ସୁଚିତ୍ରା ପରିଡ଼ା ଖେଳରେ ସାମିଲ ହୋଇ ପାରା କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡଃ ବିରଜା ରାଉତରାୟ ଓ ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପାରା କ୍ରୀଡାବିତ୍‌ଙ୍କ ମନୋବଳ ବୃଦ୍ଧି କରିଥିଲେ। ସେହିପରି ଅପରାହ୍ନରେ ପୁନର୍ବାସର ଥେରାପି କେନ୍ଦ୍ର ପରିସରରେ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ବରିଷ୍ଠ ଚିକିତ୍ସକ ଡଃ ବିଶ୍ୱପ୍ରକାଶ କାନୁନଗୋ, ଡାକ୍ତର ସ୍ନେହଲତା କାନୁନଗୋ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ହ୍ୱିଲ୍‌ଚେୟାର ଦିବସର ଗୁରୁତ୍ୱକୁ ଆଲୋକପାତ କରିଥିଲେ। ଏହି ଅବସରରେ ପୁନର୍ବାସ ପକ୍ଷରୁ ଚଳନ୍ତି ଶକ୍ତି ବାଧିତ କ୍ଷୁଦ୍ର ଉଦ୍ୟୋଗୀ ଅଜୟ କୁମାର ସୁବୁଦ୍ଧିଙ୍କୁ ୧୨ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଚେକ୍ ଆକାରରେ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ଜାଗୁଳାଇପଡ଼ାର ଚଳନ୍ତି ଶକ୍ତି ବାଧିତ ହରିହର ମୁଦୁଲିଙ୍କୁ ଏକ ହ୍ୱିଲ୍‌ଚେୟାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କାଉନସିଲର ସଞ୍ଜୀବ କୁମାର ଜେନା, ମନୋଜ କୁମାର ବିଶ୍ୱାଳ ଓ ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ୍ ଖାନ୍, ମନୋଜ କୁମାର ମହାନ୍ତି, ଅମ୍ରିନ୍ ସହାଦତ୍, ଶେଷଦେବ ପ୍ରସାଦ ଦାସ, କ୍ଷୀରୋଦ ଜ୍ୟୋତିରଞ୍ଜନ ନାୟକ, ବ୍ରଜସୁନ୍ଦର ଦାସ, ସମରେନ୍ଦ୍ର ଚୌଧୁରୀ, ଶ୍ରୀଧର ଭୋଳ ଏବଂ ଜୟଦେବ ସିଂହ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସମବାୟ ସମ୍ପାଦକଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ଡେରାବିଶ, ୧।୩(ସମିସ): ଡେରାବିଶ ଥାନା ଅଧିନସ୍ଥ ପଲେଇ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଭଦ୍ରଙ୍କୁ ଗତାକାଲି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟ କରୁଥିବା ବେଳେ ଅଡଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ଜ୍ଞାନ ରଞ୍ଜନ ସ୍ୱାଇଁ ଆକ୍ରମଣ କରିଥିବା ନେଇ ସମ୍ପାଦକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଅଭିଯୋଗକୁ ଭତ୍ତିକରି ଥାନାରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# କାଳିଭଞ୍ଜଡିଆ ଜଙ୍ଗଲରୁ ଚେର ଚୋରି ବେଳେ ଜଣେ ଗିରଫ

ରାଜନଗର, ୧।୩(ସମିସ): ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବିରଳ ବାଟେରା ଓ ଗରାଣି ଗଛର ହେଉଛି ଚୋରା ଚାଲାଣ। ଏହି ଗଛର ଲତା ଓ ଗଣ୍ଡିକୁ ପାଣିରେ ବୁଡାଇ ରଖିବା ପରେ ଓଦା ଗଣ୍ଡିରେ ଚନ୍ଦନ ସେଣ୍ଟ ଦେଇ ଏହାକୁ ଚନ୍ଦନ କାଠ କହି ବିକ୍ରି କରାଯାଉଛି। ଆଜି ସକାଳେ ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ସଂରକ୍ଷିତ ଜଙ୍ଗଲରୁ ବାଟେରା ଓ ଗରାଣି ଗଛର ଚେରକୁ କାଟି ନେଉଥିବା ବେଳେ ବନବିଭାଗ ଟିମ ସେଠାରେ ପହଁଚି ଜଣଙ୍କୁ ଗିରଫ କରିଛି। ସହକାରୀ ବନସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଫରେଷ୍ଟଗାର୍ଡ ସୁନିଲ ରଞ୍ଜନ ରାଉତରାୟ ପ୍ରମୁଖ କାଳିଭଞ୍ଜଡିଆରେ ପହଁଚି ୨୦ ବସ୍ତା ବାଟେରା ଓ ଗରାଣି ଗଛର ଚେର ଓ ୩ଟି ଫାଶ, ଦୁଇଟି କୋଦାଳ, ଗୋଟିଏ କଟୁରୀ, ଗୋଟିଏ କୁରାଢୀ ଜବତ କରିଛନ୍ତି। ଚେର ଚୋରି କରୁଥିବା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର କନକନଗର ଗାଁର ଲବ ମଣ୍ଡଳକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ବିଜୁ କନ୍ୟାରତ୍ନ ଯୋଜନା

# ବ୍ଲକ୍‌ସ୍ତରୀୟ କିଶୋରୀମାନଙ୍କୁ ସମ୍ମାନପତ୍ର ପ୍ରଦାନ

ରାଜନଗର, ୧।୩(ସମିସ): ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ବିଜୁ କନ୍ୟାରତ୍ନ ଯୋଜନା ଅଧିନରେ କିଶୋରୀମାନଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ବିଜୁ କନ୍ୟାରତ୍ନ ଯୋଜନାରେ ଏହି ବ୍ଲକରେ ୨୯ ପଞ୍ଚାୟତର ୧୦୦ଜଣ କିଶୋରୀଙ୍କ ମଧ୍ୟରେ ପୁଚି, ଦୌଡିଡିଆଁ ଓ ହୁଳହୁଳି ପ୍ରତିଯୋଗିତା କରାଯାଇଥିଲା। ରାଜନଗର ସିଡିପିଓ ସୁବାଷିନୀ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମୁଖ୍ୟବକ୍ତା ଭାବେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଅଧିକାରୀ ରଶ୍ମୀ ରଞ୍ଜନ ମହାନ୍ତି, ସମ୍ମାନୀତ ଅତିଥି ଭାବେ ରାଜନଗର ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ମହାନ୍ତି ୨୯ଟି ପଞ୍ଚାୟତର ଝିଅ ପୁଅଙ୍କ ମଧ୍ୟରେ ରହିଥିବା ତାରତମ୍ୟର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ବିଜୁ କନ୍ୟାରତ୍ନ ଯୋଜନାର ସଂଯୋଜକ ଅନନ୍ତ କିଶୋର ବେହେରା ଯୋଜନାର ସୁଦୂର ପ୍ରସାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

**ଚା'ଖଟିରେ ରାଜନଗର ବିଧାୟକ**

# ଲୋକଙ୍କ ସମସ୍ୟା ଶୁଣିଲେ; ସମାଧାନ କଲେ



ରାଜନଗର, ୧।୩(ସମିସ): ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ଲୋକଙ୍କୁ ଭେଟିବା ସହ ସେ ଗତ ୫ବର୍ଷରେ କରିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି। ଚା'ଖଟିରେ ଲୋକଙ୍କ ସମସ୍ୟା ଶୁଣିବା ସହ ସେହିଠାରେ ହିଁ ସମାଧାନ ପାଇଁ ବାଟ ବାହାର କରିଛନ୍ତି। ଆମ ବିଧାୟକ ଆମ ପାଖରେ କାର୍ଯ୍ୟକ୍ରମ ମାଧ୍ୟମରେ ବିଧାୟକ ଚା'ଖଟିରେ ପହଁଚି ଲୋକଙ୍କ ସମସ୍ୟା ଶୁଣିଛନ୍ତି। ସାଧାରଣ ଲୋକଙ୍କ ସହିତ ଚା'ଖଟିରେ ଭେଟିବା ବେଳେ ସାଧାରଣ ଜନତାଙ୍କ ମତ କଣ ରହିଛି, ଆଗାମୀ ନିର୍ବାଚନ ନେଇ ଲୋକେ କଣ ଚାହୁଁଛନ୍ତି, ଗତ ୫ ବର୍ଷରେ ସେ କରିଥିବା ବିକାଶମୂଳକ କାର୍ଯ୍ୟରେ ଭୋଟର ସନ୍ତୁଷ୍ଟ ନାଁ ନାହିଁ, ସେ ନେଇ ମୁଡ ପରଖିଛନ୍ତି। ବିଧାୟକ ଏହି ନିଆରା ଢଙ୍ଗରେ ସାଧାରଣ ଲୋକଙ୍କ ସହ ମିଶିବା ଓ ଲୋକଙ୍କ ସମସ୍ୟା ଶୁଣିବା ଘଟଣା ରାଜନଗରରେ ଚର୍ଚ୍ଚା ସୃଷ୍ଟି କରିଛି। ଆଜି ଅପରାହ୍ନ ପ୍ରାୟ ୫ ଘଟିକା ସମୟରେ ବିଧାୟକ ରାଜନଗର ଛକ ବ୍ଲକ ନିକଟରେ ଥିବା ଅଲେଖ ଦାସଙ୍କ ଚାହା ଦୋକାନରେ ହଠାତ୍ ପହଞ୍ଚି ଆଲୋଚନା କରିଥିଲେ। ବଳରାମପୁର ଗାଁର ରାଜକିଶୋର ବେହେରା ତହସିଲରେ ଥିବା ଏକ ସମସ୍ୟା ସମ୍ପର୍କରେ ତାଙ୍କୁ କହିଥିଲେ। ବିଧାୟକ ତହସିଲଦାରଙ୍କ ସହ କଥା ହୋଇ ଘଟଣାର ସମାଧାନ ପାଇଁ ବାଟ କାଢିଥିଲେ। ଧନେଶ୍ୱରପୁରର ଜଣେ ବ୍ୟକ୍ତି ରାସନ ଚାଉଳ ପାଉନଥିବା କହିବାରୁ ତା'ର ବ୍ୟବସ୍ଥା କରିଥିଲେ।

# ବିଜୁବାବୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



ଡେରାବିଶ, ୧।୩(ସମିସ): ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ଜୟନ୍ତି ମାର୍ଚ୍ଚ ମାସ ୫ ତାରିଖ ଦିନ ସମଗ୍ର ରାଜ୍ୟରେ ପାଳିତ ହେବ। ଏହି ଅବସରରେ ପାଟକୁରା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ପାଇଁ ଡେରାବିଶର ଅସ୍ମିତା ଓ ପାଟକୁରାର ସ୍ୱାଭିମାନ ମଞ୍ଚ ପକ୍ଷରୁ ଆଜି ସନ୍ଧ୍ୟାରେ ଡେରାବିଶ ବ୍ଲକ ଅଧୀନ ଛତା ସ୍ଥିତ କୃଷକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ପାଳିତ ହେବାକୁଥିବା ଜୟନ୍ତୀ ଉତ୍ସବରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ କିପରି ଅଧିକ ସଂଖ୍ୟାରେ ଜନସାଧାରଣ ଯୋଗଦେବେ ସେ ନେଇ ବୈଠକରେ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲା ଚାଷୀ ଶ୍ରମିକ ସଂଘ ସହଯୋଗରେ ଅନୁଷ୍ଠିତ ହେବାକୁଥିବା ଜୟନ୍ତୀ ଉତ୍ସବରେ କେବଳ ଓଡ଼ିଶା ଓ ଭାରତ ନୁହେଁ ସମଗ୍ର ଆନ୍ତର୍ଜାତୀୟ ସ୍ତରରେ ସ୍ୱର୍ଗତ ବିଜୁବାବୁ ନିଜର ଅସାଧାରଣ ବ୍ୟକ୍ତିତ୍ୱ ନିମନ୍ତେ ପ୍ରତିଷ୍ଠା ଅର୍ଜନ କରି ସମଗ୍ର ଓଡ଼ିଶାକୁ ଗୌରାବାନ୍ୱିତ କରିଥିଲେ। ଏହିଭଳି ଏକ ମହାନ ବ୍ୟକ୍ତିତ୍ୱଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ ପାଇଁ ଜୟନ୍ତୀ ଉତ୍ସବରେ ସ୍ୱାଭିମାନ ମଞ୍ଚ ଓ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ବୈଠକରେ ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ପ୍ରବାଦ ପୁରୁଷଙ୍କ ଜୟନ୍ତୀରେ ରଖାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରକ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଆବାହକ ମହେନ୍ଦ୍ର କୁମାର ସିଂ, ସଂଘ ସାଧାରଣ ସମ୍ପାଦକ କୃତିବାସ ଦାସ, ଆଇନଜୀବୀ ଖଗେଶ୍ୱର ଲେଙ୍କା, ଚାଟରାଚକଡା ସମିତିସଭ୍ୟ ନିରଞ୍ଜନ କର, ସତ୍ୟନାରାୟଣ ସାମଲ, ସାହାଜାନ୍ ଖାଁ, ଆଦିକନ୍ଦ ବଳ, ଶାରଦା କୁମାର ମିଶ୍ର, ଭରତ ସିଂ, ରବୀନ୍ଦ୍ର ମହାରଣା, ଗୁରୁଚରଣ ରାଉତ, କମଳ ମହାନ୍ତିଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।

# ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୧।୩(ସମିସ):




କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ପରିଚାଳିତ ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ଅଂଶୁଘାତ ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ପାଇଁ ଆବଶ୍ୟକ ଆଗୁଆ ପଦକ୍ଷେପ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କ'ଣ ନେଇଛନ୍ତି ତାହା ସୁନିଶ୍ଚିତ କରିବା ସହ ଜିଲ୍ଲାପାଳଙ୍କୁ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରିବା ପାଇଁ ସେ ଆଦେଶ ଦେଇଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜନସଚେତନତା ସୃଷ୍ଟି ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ଜନପ୍ରତିନିଧି ଓ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ବ୍ଲକ, ଗ୍ରାମପଞ୍ଚାୟତ ସ୍ତରରେ ଜନପ୍ରତିନିଧି, ସମ୍ପୃକ୍ତ କ୍ଷେତ୍ର କର୍ମଚାରୀ ଓ ସ୍ଥାନୀୟ ଏନ୍‌ଜିଓ ସଂସ୍ଥାକୁ ନେଇ ସଚେତନତାମୂଳକ ବୈଠକ ଆୟୋଜନ କରିବାକୁ ସମ୍ପୃକ୍ତ ବ୍ଲକ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦିନ ୧୧ଟାଠାରୁ ଅପରାହ୍ନ ୩ଘଟିକା ମଧ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତର ଆଶଙ୍କା ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ସମୟ ସୀମା ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା ଏବଂ ପ୍ରଚୁର ପାନୀୟ ଜଳର ବ୍ୟବସ୍ଥା କରିବାକୁ ଠିକା ସଂସ୍ଥାମାନଙ୍କୁ ଶ୍ରମ ଅଧିକାରୀ ନିର୍ଦ୍ଦେଶ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶ କିପରି କାର୍ଯ୍ୟକାରୀ ହେଉଛି ତାହା ମଧ ଶ୍ରମ ଅଧିକାରୀ ତଦାରଖ କରି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।
ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ ସମୟର ପରିବର୍ତ୍ତନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଠାରେ ପାନୀୟ ଜଳର ସୁବିଧା ଓ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ୍ ମହଜୁଦ ବିଭାଗୀୟ ଅଧିକାରୀମାନେ କରାଇବେ। ପାଇପ୍ ଓ ନଳକୂପ ଜରିଆରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଇବା ସହ ଜଳକ୍ଲିଷ୍ଟ ଅଞ୍ଚଳକୁ ଚିହ୍ନଟ କରାଯାଇ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବାକୁ ଜନସ୍ୱାସ୍ଥ୍ୟ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ହାଟ, ଜନଗହଳିସ୍ଥାନ ଓ ଛକ ଜାଗାମାନଙ୍କରେ ବ୍ଲକ ଓ ପୌର ପ୍ରଶାସନ ଦ୍ୱାରା ପରିଷ୍କାର, ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟକର ଜଳଛତ୍ର ବ୍ୟବସ୍ଥା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସଡକ ପରିବହନ ବ୍ୟବସ୍ଥାରେ ବସମାନଙ୍କରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଓଆରଏସ୍ ପ୍ୟାକେଟ ଆଦି ମହଜୁଦ୍ ରଖିବା, ଖୋଲାଗାଡିରେ ଶ୍ରମିକ ପରିବହନ ନ କରିବା, ଓଭର ଲୋଡିଂ ନ କରିବା ଆଦି ଦିଗରେ ତଦାରଖ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ସମସ୍ତ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ଚିକିତ୍ସାପାଇଁ ସ୍ୱତନ୍ତ୍ର କୋଠରୀ ଶଯ୍ୟା, ଡାକ୍ତର ଓ ନର୍ସ ନିଯୁକ୍ତ କରାଇବା, ନିରବଚ୍ଛିନ୍ନ ବିଦ୍ୟୁତ ପ୍ରବାହ, ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ ମହଜୁଦ ରଖିବା ସହ ୨୪ଘଣ୍ଟିଆ ଚିକିତ୍ସା, ନିୟନ୍ତ୍ରଣ କକ୍ଷ ଖୋଲିବା, ଜିଲ୍ଲା ନିୟନ୍ତ୍ରଣ କକ୍ଷ, ତହସିଲ, ବ୍ଲକ, ଜନସ୍ୱାସ୍ଥ୍ୟ ବିଭାଗ, ପୌରାଞ୍ଚଳ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଆଦି ସମ୍ପୃକ୍ତ ଅଫିସରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା, ଗୃହପାଳିତ ପଶୁମାନଙ୍କ ପାଇଁ ପୋଖରୀ ଓ କେନାଲରେ ପାଣି ଯୋଗାଇବା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅଂଶୁଘାତ ଆଶଙ୍କା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାକୁ ଟିପିସିଓଡିଏଲ୍ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଅଂଶୁଘାତଜନିତ ମୃତ୍ୟୁ ଖବର ୨୪ ଘଣ୍ଟା ମଧ୍ୟରେ ପ୍ରଶାସନକୁ ଜଣାଇବା ସହ ଡାକ୍ତର ଓ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ୩୬ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅବଗତ କରାଇବାକୁ ଥିବା ଉଦ୍ଦିଷ୍ଟ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା।
ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗ ଓ କର୍ତ୍ତବ୍ୟନିଷ୍ଠ ଯୋଗୁଁ ଜିଲ୍ଲାରେ ଗତବର୍ଷ ଅଂଶୁଘାତ ମୃତ୍ୟୁ ସଂଖ୍ୟା ଶୂନ୍ୟ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଦୀପ୍ତି ମହାପାତ୍ର, ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାର, ବିଭିନ୍ନ ବିଦ୍ୟୁତ୍ ବିଭାଗର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଜରୁରୀକାଳୀନ ବିଭାଗର କର୍ମୀମାନେ ବୈଠକର ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କୁ ମାଡ଼ ପ୍ରତିବାଦରେ ରାସ୍ତାରୋକ



**ଢେଙ୍କାନାଳ/ଯୋରନ୍ଦା,୧।୩(ସମିସ):** ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ନାଟିମା ବଜାର ଠାରେ ଜଣେ ବ୍ୟବସାୟୀଙ୍କୁ ମାଡ଼ ମାରିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଦୁଇ ଘଣ୍ଟା ଧରି ରାସ୍ତାରୋକ କରାଯାଇଛି।

ଯୋରନ୍ଦା ମେଳା ସମୟରେ ଭକ୍ତମାନଙ୍କ ମାନସିକ ମୁଣ୍ଡନ କରିବା ପାଇଁ ନିଲାମଧାରୀମାନେ ନାଟିମା ବଜାର ସୁବାସ ବାରିକ ସେଲୁନକୁ ବାରଣ କରିଥିଲେ ମଧ ସେ ନ ମାନିବାରୁ ନିଲାମଧାରୀ ଓ ସୁବାସଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ସମ୍ପର୍କରେ ଉଭୟଙ୍କ ପକ୍ଷରୁ ଯୋରନ୍ଦା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ନାଟିମା ବଜାର କମିଟି ପକ୍ଷରୁ ପୁଲିସ ଅଧିକାରୀଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ ମଧ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ପୁଲିସର ଏଭଳି ନିଷ୍କ୍ରିୟତା ପ୍ରତିବାଦରେ ବଜାର କମିଟି ପକ୍ଷରୁ ରାସ୍ତାରୋକ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ନିଲାମଧାରୀ ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଘଟଣାସ୍ଥଳରେ ଉତ୍ତେଜନା ଲାଗିଥିଲା। ଯୋରନ୍ଦା ଫାଣ୍ଡି ଅଧିକାରୀ ଦିଲ୍ଲୀପ ଗଡ଼ନାୟକ ଓ ଗଁଦିଆ ଥାନା ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବଣିକ ସଂଘ କର୍ମକର୍ତ୍ତା ଓ ନିଲାମଧାରୀ ଯୁବକଙ୍କୁ ବୁଝାସୁଝା କରିବା ସହିତ ସନ୍ଧ୍ୟା ସୁଦ୍ଧା ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ରାସ୍ତାରୋକ ଫଳରେ ଯୋରନ୍ଦା - ଢେଙ୍କାନାଳ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିଗୁଡିକ ଛିଡ଼ାହୋଇ ରହିଥିଲା। ଫଳରେ ଯାତାୟାତ ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ବିମଳ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଢେଙ୍କାନାଳ, ୧।୩ (ସମିସ):** ଢେଙ୍କାନାଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଦ୍ୱରା ଅମଲାପଡ଼ା ସ୍ଥିତ ରାଜସ୍ୱ ଡାକବଙ୍ଗଳାନିକଟରେ ଓଡ଼ିଶାର ସୁନାମଧନ୍ୟ ପ୍ରଶାସକ, ଶିକ୍ଷାବିତ୍, ସଂସ୍କୃତି ବିଶାରଦ ତଥା ଢେଙ୍କାନାଳର ବରପୁତ୍ର ବିମଳ କିଶୋର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହାସହିତ ଅମଲାପଡ଼ାର ମିଶ୍ରଲେନକୁ ବିମଳ ମିଶ୍ର ଲେନ ଭାବେ ନୂତନ ଭାବରେ ନାମକରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ବିମଳ ମିଶ୍ରଙ୍କ ସୁପୁତ୍ର ଜଷ୍ଟିସ ଶଶୀକାନ୍ତ ମିଶ୍ର, ପୌରପରିଷଦ ଅଧକ୍ଷା ଜୟନ୍ତୀ ପାତ୍ର, ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ପଦ୍ମଶ୍ରୀ ଆନ୍ତର୍ଜାମୀ ମିଶ୍ର ଓ ସହରର ଅନେକ ମାନ୍ୟଗଣ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ




**କାମାକ୍ଷାନଗର, ୧।୩ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ତଥା ବରିଷ୍ଠ ଶିକ୍ଷକ ସୁରେଶ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜ୍ଞାନ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ସାହୁ, ଛାତ୍ର ସାଇସ୍ୱରୂପ ପ୍ରଧାନ, ଅଷ୍ଟମ ଶ୍ରେଣୀର ଛାତ୍ରୀ ଇପ୍ସିତା ପରିଡ଼ା ଓ ଛାତ୍ର ସ୍ମୃତିରଞ୍ଜନ ପ୍ରଧାନ ବିଜ୍ଞାନ ଦିବସ ଉପରେ ଆଲୋଚନା କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ରାଉତଙ୍କ ସମେତ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

■ ରାସ୍ତା ସମ୍ପ୍ରସାରଣ ପାଇଁ କଟିଲା ଗଛ

# ଗଛପଡ଼ି ବାଇକ୍ ଆରୋହୀ ଗୁରୁତର

**କାମାକ୍ଷାନଗର, ୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼- କାମାକ୍ଷାନଗର ମୁଖ୍ୟ ରାସ୍ତାର ପ୍ରଶସ୍ତିକରଣ କାମ ଚାଲୁ ରହିଥିବା ବେଳେ ଗଛ ପଡ଼ି ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଢୋଲଖମଣ ଗାଁ ନିକଟରେ ଗଛ କଟାଯାଉଥିବା ବେଳେ ବିଭାଗ ତରଫରୁ କୌଣସି ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଘୁଟୁରୀ ଗାଁର ବିଜୟ ଦେହୁରୀ (୩୫ବର୍ଷ) ଏହି ରାସ୍ତାଦେଇ ଯାଉଥିବା ବେଳେ ହଠାତ ତାଙ୍କ ଉପରେ ଗଛ ପଡ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ରାସ୍ତା ପୂର୍ତ୍ତ ବିଭାଗ ତରଫରୁ ନିର୍ମାଣ ହେଉଥିବା ବେଳେ ରାସ୍ତା କଡ଼ରେ ଗଛକୁ ବନ ବିଭାଗ ଠାରୁ ଅନୁମତି ନ ନେଇ କଟାଯାଉଛି। ଏଭଳି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ୬ରେ ଆମ୍ବେଦର ସଙ୍ଗଠନର ରାସୋଳ ବନ୍ଦ ଡାକରା



**ରାସୋଳ, ୧।୩ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରାସୋଳକୁ ଏନଏସି ମାନ୍ୟତା ଦାବିରେ ମାର୍ଚ୍ଚ ୬ ତାରିଖରେ ଆମ୍ବେଦକର ସେବା ସଂଗଠନ ତରଫରୁ ହିନ୍ଦୋଳବନ୍ଦ ଡାକରା ଦିଆଯାଇଛି। ରାସୋଳକୁ ଏନ୍ଏସି ମାନ୍ୟତା ଦାବିରେ ମାର୍ଚ୍ଚ ୬ ତାରିଖରେ ଆମ୍ବେଦକର ସେବା ସଙ୍ଗଠନ ତରଫରୁ ହିନ୍ଦୋଳ ବନ୍ଦ ଡାକରା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର ସମ୍ପାଦକ ଚିତ୍ରସେନ ନାଏକ ଘୋଷଣା କରିବା ସହିତ ଦୀର୍ଘ ୧୦ବର୍ଷ ହେଲା ରାସୋଳକୁ ଏନଏସି କରିବାକୁ ଦାବି କରିଆସୁଥିଲେ, ମାତ୍ର ସରକାର ୩୫ଟି ନୂତନ ଏନଏସି ଘୋଷଣା ପରେ ରାସୋଳ ବାଦ୍ ପଡ଼ିଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

■ ଜିରିଡ଼ାମାଳି ଜଙ୍ଗଲରେ ନିଆଁ

# ବହୁ ମୂଲ୍ୟବାନ ଗଛ ଜଳିପୋଡ଼ି ପାଉଁଶ



**କମାକ୍ଷାନଗର, ୧।୩ (ସମିସ):** କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଜିରିଡ଼ାମାଳି ଜଙ୍ଗଲରେ ଖରାଦିନ ଆରମ୍ଭରୁ ନିଆଁ ଲାଗି ବ୍ୟାପକ ଔଷଧୀୟ ଗଛ ଜଳିପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ଏହି ମୂଲ୍ୟବାନ ଗଛ ଜଳିଯିବା ଯୋଗୁ ସ୍ଥାନୀୟ ଅଞ୍ଚଳର ବସବାସ କରୁଥିବା ଅଧିବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ଜଙ୍ଗଲୀ ଜନ୍ତୁ ଜନବସତି ମୁହାଁ ହେଉଥିବା ବେଳେ ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏବେ କିଛିଦିନ ତଳେ ବନବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଲୋକମାନଙ୍କୁ ସଚେତନତା କରାଯାଉଥିଲା। ମାତ୍ର ଅଳ୍ପଦିନର ବ୍ୟବଧାନ ଭିତରେ ଖୋଦ ପୂର୍ବାଞ୍ଚଳ ରେଞ୍ଜର କାର୍ଯ୍ୟାଳୟଠାରୁ ୧ କିମି ଦୂର ଜଙ୍ଗଲରେ ନିଆଁ ଲାଗିବା ଓ ବନବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରାମେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଢେଙ୍କାନାଳ, ୧।୩ (ସମିସ)**



ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ରଞ୍ଜା ଗ୍ରାମରେ ଅନୁଷ୍ଠିତ ରାମେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୦ଗୋଟି ଦଳଭାଗ ନେଇଥିଲା। ଏହି ଖେଳ ଉଦଯାପିତ ଦିବସରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବରେ ଶୁଆଖାଇକାଟେଣି ନାଏବ ସରପଞ୍ଚ ସୁକଦେବ କରାକ ଓ ସମାଜସେବୀ ଲିପୁନୁ ସାସମଲ, ଦିପ୍ତୀ ରଞ୍ଜନ ରାଜ, ସନ୍ତୋଷ ନାୟକ, ମନୋଜ କୁମାର ମହାନ୍ତି. ରସାନନ୍ଦ ନାୟକ, ମନେଜକୁମାର ନାଏକ .ତପନ ବେହେରା, ଦିଲୀପ ମହାଳ, ଗୋପୀନାଥ ନାଏକ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନୀ ମ୍ୟାଚ ରଞ୍ଜାର ଓ କେଉଟବେରଣୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ କେଉଟବେରଣୀ ଚାମ୍ପିଅନ ହୋଇଛି।

# ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ



**ଆଠମଲ୍ଲିକ, ୧।୩ (ସମିସ):** ଆଠମଲ୍ଲିକ ଉପଖଣ୍ଡ ସୂଚନା କେନ୍ଦ୍ର କାର୍ଯ୍ୟାଳୟ ସମ୍ମୁଖରେ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଅଶୋକ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଇଓ ଦାଶରଥି ଶୁଣ୍ଢୀ, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ଡାକ୍ତର କୁମାର ସୌରଭ, ସବ୍ୟସାଚୀ ବେଉରା, ନର୍ସିଂ ଅଫିସର ସ୍ନିଗ୍ଧା ରାଣୀ ସିଂ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ ନ ହେଲେ ଭୋଟବର୍ଜନ ଚେତାବନୀ



**କଣିହାଁ, ୧।୩(ସମିସ):** କଣିହାଁ ବ୍ଲକ କୁଲୁମା ଗ୍ରାମର ବନ୍ଧ ସାହିରେ ପାଖାପାଖି ୩୫ଟି ପରିବାର ଆଗାମୀ ସାଧାରଣ ନିର୍ବାଚନ ଠିକ ପୂର୍ବରୁ ରାସ୍ତା ପାଇଁ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଗତକାଲି ବନ୍ଧସାହିର କିଛି ଲୋକ ବିଡିଓ, ତହସିଲଦାର, ଉପ ଜିଲ୍ଲାପାଳଙ୍କୁ ୟୁନିଅନ ବ୍ୟାଙ୍କ ପଛପାଖ ତେନ୍ତୁଳି ଗଛଠାରୁ ଦଳିତ ସାହି ପର୍ଯ୍ୟନ୍ତ କାଦୁଅ ପଚପଚ ରାସ୍ତାକୁ ତୁରନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ସ୍ଥାନୀୟ ବିଧାୟକଙ୍କୁ ମଧ ରାସ୍ତା ସମସ୍ୟା ବିଷୟରେ ସାହିବାସିନ୍ଦା ଅବଗତ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ କିଛି ଲୋକଙ୍କ ବ୍ୟକ୍ତିଗତ ଜାଗା ଥିବାରୁ ସେଠାରେ ରାସ୍ତା ନିର୍ମାଣ ସମ୍ଭବ ହେଉ ନଥିବା ସାହିବାସିନ୍ଦାମାନେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ଜାଗା ଚିହ୍ନଟ କରି ରାସ୍ତା ନିର୍ମାଣ କରା ନ ହୁଏ ତେବେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇ ଥିବାବେଳେ ଖୁବଶୀଘ୍ର ଜାଗା ଚିହ୍ନଟ କରି ରାସ୍ତା ତିଆରି ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କଣିହାଁ ତହସିଲଦାର ଚିନ୍ମୟ ଦାସ କହିଛନ୍ତି।

# ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋରେଇ, ୧।୩(ସମିସ):** କୋରେଇ ଥାନା ବନ୍ଦୀ ଛକ ନିକଟସ୍ଥ ଭଙ୍ଗାବନ୍ଧହୁଡ଼ା ନିକଟରେ ଏକ ଅଘଟଣ ଘଟିଛି। ଶୁକ୍ରବାର ଅପରାହ୍ନରେ ବଗୁଲି ଗଛରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଶୁକ୍ରବାର ଅପରାହ୍ନରେ କେତେକ ଲୋକ କୋରେଇ ଥାନା ବନ୍ଦୀଛକ ନିକଟସ୍ଥ ଭଙ୍ଗାବନ୍ଧହୁଡ଼ା ଦେଇ ଯାଉଥିଲେ। ଏହି ସମୟରେ ଏକ ବଗୁଲି ଗଛରେ ଜଣେ ଯୁବକ ରଶି ଲଗାଇଥିବା ଦେଖିବାକୁ ପାଇଥିଲେ। ସେମାନେ କୋରେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଯୁବକଙ୍କ କୌଣସି ପରିଚୟନ ମିଳି ନ ଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଏ ଯାଏଁ ସ୍ପଷ୍ଟ ହୋଇନାହିଁ।

# ଏନଏସି ଘୋଷଣା ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବଡ଼ଚଣା, ୧।୩ (ସମିସ):** ରାଜ୍ୟ ସରକାର ଓଡ଼ିଶାରେ ୩୫ଟି ନୂତନ ଏନ୍ଏସି ଘୋଷଣା କରିଥିବାବେଳେ ସେଥିମଧ୍ୟରେ ଚଣ୍ଡିଖୋଲ ସ୍ଥାନ ପାଇଥିବାରୁ ଚଣ୍ଡିଖୋଲବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏ ନେଇ ଆଜି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଚଣ୍ଡିଖୋଲର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଏଥିରେ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସମିତିସଭ୍ୟ ମଧୁସୂଦନ ବଳ, ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ଦାସ, ସରକାରୀ ଓକିଲ ଦେବରାଜ ବେହେରା, ଅସ୍ଥାୟୀ ବଣିକ ସଂଘ ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ପ୍ରେସ କ୍ଲବ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଆମ ବ୍ୟାଙ୍କ୍' ଉଦ୍‌ଘାଟିତ

**ଯାଜପୁର, ୧।୩(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ 'ଆମ ବ୍ୟାଙ୍କ୍'ର ଶୁଭାରମ୍ଭ ହୋଇଛି। ଜମଧର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓ କନଫରେନ୍ସି ମାଧ୍ୟମରେ ଉଦଘାଟନ କରିଥିଲେ। ଆମ ବ୍ୟାଙ୍କ୍ ଜରିଆରେ ଜନସାଧାରଣ ସମସ୍ତ ସରକାରୀ ସୁବିଧା ସିଧାସଳଖ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଚାୟତର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ ନିଜର ପ୍ରାପ୍ୟ ପାଇପାରିବେ ଓ ପ୍ରତ୍ୟେକ ହିତାଧିକାରୀଙ୍କୁ ଆମ ବ୍ୟାଙ୍କ୍ ଜରିଆରେ ୧୫ ପ୍ରକାରର ସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଜମଧର ପଞ୍ଚାୟତର ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତି ସଭ୍ୟ ଶେଖ୍ ମୋଜାହିଦ, ଯୁବନେତା ଫିରୋଜ ବାଦଶାହା, ପ୍ରଦୀପ ନାୟକ, ସମରଜିତ ପୃଷ୍ଟି, ଅଞ୍ଜନ ମାଝି, ନଥିପତ୍ର ପରିଚାଳିକା ଶୁଭସ୍ମିତା ନାୟକ, ମିଶନ ଶକ୍ତି ସଭାନେତ୍ରୀ ପ୍ରମିଳା ରାଉତ, ପିଇଓ ସୀତାରାଣୀ ସୋରେନ, ଶାଖା ପରିଚାଳକ ଉମେଶ ଚନ୍ଦ୍ର ବେହେରା ଓ ସହଯୋଗୀ ଶେଖ୍ ଫୈମ୍‌ଙ୍କ ସହ ପଞ୍ଚାୟତର ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ।

### ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ପ୍ରଶିକ୍ଷଣ ଶିବିର

# ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ପରାମର୍ଶ

ଜଗତସିଂହପୁର,୧।୩(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ (ଇଲେକ୍ସନ ଏକ୍ସପେଣ୍ଡିଚର ମନିଟରିଙ୍ଗ) ଉପରେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପାରୁଲ ପଟାୱରି ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବାକୁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏବର୍ଷ ନୂତନ ଭାବେ ହୋଇଥିବା ଇଏସଏମଏସ(ଇଲେକ୍ସନ ସିଜର ମ୍ୟାନେଜମେଣ୍ଟ ସିଷ୍ଟମ) ସିଭିଜିଲ ଆପ ମାଧ୍ୟମରେ ସମସ୍ତ ଇଲିଗାଲ ଅର୍ଥ ବିନିମୟକୁ ରୋକି ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ ମଧ୍ୟ ନିର୍ବାଚନକୁ ଗଣତନ୍ତ୍ରର ଆସ୍ଥା ବୋଲି ଅଭିହିତ କରି ଏହାକୁ ସ୍ୱଚ୍ଛ ଭାବେ ସମ୍ପାଦନ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ନିର୍ବାଚନର ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଷ୍ଟାଟିକ ସର୍ଭେଲାନ୍ସ ଟିମ, ଭିଡିଓ ସର୍ଭେଲାନ୍ସ ଟିମ ଭିଡିଓ ଭିଉଇଙ୍ଗ ଟିମ, ଆକାଉଣ୍ଟ ଅବଜରଭରମାନଙ୍କର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିତା ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମଧ୍ୟ ବିଭିନ୍ନ ଆଇନଗତ ବ୍ୟବସ୍ଥା ଏବଂ ନିର୍ବାଚନ ଆୟୋଗଙ୍କ ବିଭିନ୍ନ ନିର୍ଦ୍ଦେଶ ବିଷୟରେ ଆଲୋଚନା ମାଧ୍ୟମରେ ଅବଗତ କରାଇଥିଲେ। ଜିଲ୍ଲା କୋଷାଗାର ଅଧିକାରୀ ତରୁଣ କୁମାର ପଣ୍ଡା, କୁଜଙ୍ଗ ତହସିଲଦାର ସୁଶ୍ରୀ ପୁଷ୍ପଶ୍ରୀ ସାଣ୍ଡିଲ, ଡିଆଇଓ ଜ୍ୟୋତି ପ୍ରକାଶ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ତଥା ପୁଲିସ ବିଭାଗର ଅଧିକାରୀମାନେ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ସୁଶ୍ରୀ ସନ୍ଧ୍ୟାଞ୍ଜଳୀ ମାଝୀ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନାଟ୍ୟକାର ଇଂ. କିଶୋର ମହାପାତ୍ର ସ୍ମୃତି ପରିଷଦ କର୍ମକର୍ତ୍ତା ଚୟନ

**ଜଗତସିଂହପୁର,୧।୩(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ଠାରେ ନାଟ୍ୟକାର ଇଂ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ପରିଷଦ ଗଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଉପେନ୍ଦ୍ର ନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ପରିଷଦ କର୍ମକର୍ତ୍ତା ଚୟନ ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି ଅନୁସାରେ ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ପରିଷଦର ଅଧ୍ୟକ୍ଷା ଭାବେ ଜ୍ୟୋତିର୍ମୟୀ ମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷା ଭାବେ ଭଗବାନ ବିଶ୍ୱାଳ, ସମ୍ପାଦକ ରବି ନାରାୟଣ ରଥ, ସହ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ,କୋଷାଧକ୍ଷ ଅସ୍ମିତା ମହାପାତ୍ର ଓ ସଂଯୋଜକ ଭାବେ ବିଜନ କୁମାର ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ କନକପ୍ରଭା ଲେଙ୍କା ଓ ଉପଦେଷ୍ଟା ମଣ୍ଡଳୀରେ ଡ଼ଃ ଅଜୟ କୁମାର ମିଶ୍ର, କ୍ଷିରୋଦ କୁମାର ସ୍ୱାଇଁ, ସତ୍ୟ ଜେନା, କିଶୋର ଚନ୍ଦ୍ର ମିଶ୍ର, ଅଲେଖ ଚନ୍ଦ୍ର ବେହେରା, ଉପେନ୍ଦ୍ର ନାଥ ରଥ, ସୁରେଶ ଚନ୍ଦ୍ର ରାଉତ, ଶୁଭ୍ରାଂଶୁ ଆଚାର୍ଯ୍ୟ, ପରୀକ୍ଷିତ ମହାନ୍ତି ପ୍ରମୁଖଙ୍କୁ ଚୟନ କରାଯାଇଛି। ଏଥିସହିତ କାର୍ଯ୍ୟକାରୀ କମିଟିରେ ସଦସ୍ୟ ଭାବେ ଗୋପାଳ ବିଶ୍ୱାଳ, ନିରଞ୍ଜନ ପାତ୍ର, ସଦାଶିବ ବିଶ୍ୱାଳ, ପବିତ୍ର କୁମାର ପଟ୍ଟନାୟକ, ଅରୁଣ କୁମାର ରାଉତରାୟ, ବ୍ରଜକିଶୋର ସ୍ୱାଇଁ, ଅଶୋକ ରାଉତ, ରଘୁନାଥ ମହାନ୍ତି, ବିଶ୍ୱଜିତ ଦାଶ, ତପନ କୁମାର ରାଉତରାୟ, ଆଶୁତୋଷ ମହାପାତ୍ର, ତରୁଣ କୁମାର ରାଉତରାୟ ପ୍ରମୁଖଙ୍କୁ ନିଆଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ପଙ୍କପାଳ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ



**କୁଜଙ୍ଗ,୧।୩(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଗୃହରେ ଏକ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ପଙ୍କପାଳର ଯୁବ ସରପଞ୍ଚ ତଥା ବିଜେଡି ନେତା ସରୋଜ କୁମାର ସେଠୀଙ୍କ ପୌରହିତ୍ୟରେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଗରିବ ଦୂରୀକରଣ ପାଇଁ ଯେଉଁ କାର୍ଯ୍ୟକ୍ରମ ସହ ମଧୁବାବୁ ପେନ୍‌ସନ ଯୋଜନାରେ ଗରିବ ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଗାଉଛନ୍ତି ତାହାର ତୁଳନା ନାହିଁ ବୋଲି କହିଥିଲେ। କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ବ୍ଲକ ଜୋନ୍ ୧ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ସମିତି ସଭ୍ୟା ପ୍ରଶାନ୍ତି ମହାନ୍ତି, ନାଏବ ସରପଞ୍ଚ କାଦମ୍ବିନୀ ସାହୁ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ପିଇଓ ବିଜୟ କୁମାର ଜେନା, ଜିଆର୍‌ଏସ୍ ଶୋଭାରାଣୀ ଦାସ ପ୍ରମୁଖଙ୍କ ସହ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ମଧୁବାବୁ ପେନସନ ଯୋଜନାରେ ୬୩ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**ତିର୍ତ୍ତୋଲ,୧।୩(ସମିସ):** ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ତିର୍ତ୍ତୋଲ ବ୍ଲକ ଜଡତିରା ପଞ୍ଚାୟତ ୧ନଂ ୱାର୍ଡର ଅମ୍ବିକା ବିଶ୍ୱାଳଙ୍କ ପରିବାରକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁଚିନ୍ତା ଚାରିଟେବୁଲ ଟ୍ରଷ୍ଟ ତରଫରୁ ସହାୟତା ପ୍ରଦାନ କରାଯାଇଛି। ଆଜି ଟ୍ରଷ୍ଟର ଅଧ୍ୟକ୍ଷ ଶିବପ୍ରସାଦ ସାହୁ, ସଭାପତି ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ ଅଗ୍ନିବିପନ୍ନ ପରିବାର ନିକଟରେ ପହଞ୍ଚି ଆବଶ୍ୟକୀୟ ନିତ୍ୟ ବ୍ୟବହାର ସାମଗ୍ରୀ ଓ କିଛି ଅର୍ଥ ପ୍ରଦାନ କରିଥିଲେ। ଅଗ୍ନିକାଣ୍ଡରେ ଗୃହଶୂନ୍ୟ ହୋଇଥିବା ଏହି ପରିବାର ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି। ଘର ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ସୁଚିନ୍ତା ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ ଗତ ଫେବୃଆରି ୨୩ ରାତିରେ ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ଅମ୍ବିକା ବିଶ୍ୱାଳଙ୍କ ଗୁହାଳ ସମେତ ୫ବଖରା ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ମା' ଅମ୍ବିକା ବିଶ୍ୱାଳ ଓ ଶାରିରୀକ ଅକ୍ଷମ ପୁତ୍ର ଚିନ୍ମୟ କେବଳ ନିଜ ଜୀବନକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ।

## ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**କୁଜଙ୍ଗ,୧।୩(ସମିସ):** ଶିଶୁଙ୍କୁ ଖାଲି ବହିଖାତାରେ ଗଣିତ ବିଜ୍ଞାନ ପଢାଇଲେ ଦେଶ ଗଠନ ହେବନି କିମ୍ବା ଭଲ ମଣିଷ ତିଆରି ହେବେନି। ପାଠ ପଢା ସମୟରେ ଶିଶୁଟି ଭିତରେ କ୍ରୋଧ, ଘୃଣା, ଇର୍ଷାଠୁ ଦୂରେଇ ତା ମଧ୍ୟରେ ଦୟା, କ୍ଷମା, କରୁଣା, ମମତା ଓ ସହନଶୀଳତାର ବୀଜ ରୋପଣ କରିପାରିଲେ ତାହା ଦେଶ ତଥା ସମାଜ ପାଇଁ ବଡ କଥା ହେବ। ଯାହା କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ପବିତ୍ର କୁମାରଙ୍କ ଶିକ୍ଷକତା ଜୀବନରେ ଦେଖିବାକୁ ମିଳିଥିଲା ବୋଲି ତାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ପବିତ୍ର କୁମାର କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ପଙ୍କପାଳ ସ୍ଥିତ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ସରୋଜନୀ ଦେବୀଙ୍କ ସଭାପତିତ୍ୱ ଓ ମନୋରଞ୍ଜନ ମଙ୍ଗରାଜଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଯୋଗଦେଇ ପବିତ୍ର କରଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ରୂପେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ସମିତିସଭ୍ୟା ପ୍ରଶାନ୍ତି ମହାନ୍ତି, ପ୍ରାକ୍ତନ ଶିକ୍ଷା ପ୍ରଶାସକ ମନମୋହନ କାନୁନ୍‌ଗୋ, ଦେବେନ୍ଦ୍ର ନାଥ ଦାସ, ପ୍ରାକ୍ତନ ବିଆର୍‌ସିସି ମନୋଜ କୁମାର ବେହେରା, ବାଲିକୁଦ ମଣ୍ଡଳ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ, ସ୍ନେହମୟୀ ଆଚାର୍ଯ୍ୟ, ଗୋଲେକ ଚନ୍ଦ୍ର ପ୍ରଧାନ, କୁଜଙ୍ଗ ବିବି ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ପ୍ରମୁଖ ସେବା ନିବୃତ୍ତ ଅଧିକାରୀ ଡଃ କରଙ୍କ କାର୍ଯ୍ୟଧାରାକୁ ଉଚ୍ଚ ପ୍ରଶଂଶା କରିଥିଲେ। ପ୍ରାରମ୍ଭରେ ସୁଧିରଞ୍ଜନ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କବି ପ୍ରଭାତୀ ମାଝୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କେଶବ ଚନ୍ଦ୍ର ଦଳାଇଙ୍କ ସମ୍ପାଦନରେ ପବିତ୍ରାୟନକୁ ଅତିଥି ମାନେ ଉନ୍ମୋଚନ କରିଥିଲେ।

● ରଘୁନାଥପୁର ବ୍ଲକ

## ୧୯ଟି ପଞ୍ଚାୟତରେ ବିଜେଡିର ନୂଆ ପର୍ଯ୍ୟବେକ୍ଷକ

ରଘୁନାଥପୁର,୧।୩(ସମିସ)

ରଘୁନାଥପୁର ବ୍ଲକ ୧୯ଗୋଟି ପଞ୍ଚାୟତରେ ବିଜୁ ଜନତା ଦଳର ନୂଆ ପର୍ଯ୍ୟବ୍ୟକ୍ଷକ ଓ ଉପ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଥିବା ଜିଲ୍ଲା ବିଜେଡ଼ି ସଭାପତି ରବିନାରାୟଣ ଜେନା ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଅଢେଇକୁଳ ପଞ୍ଚାୟତ ପାଇଁ ଅଜୟ କୁମାର ଦାସ ପର୍ଯ୍ୟବ୍ୟକ୍ଷକ, ପ୍ରଭାସ କୁମାର ସ୍ୱାଇଁ ଉପ-ପର୍ଯ୍ୟବେକ୍ଷକ, ପ୍ରଭାତ କୁମାର ସ୍ୱାଇଁ ବରାଗୋଳ ପଞ୍ଚାୟତ ପାଇଁ ପର୍ଯ୍ୟବ୍ୟକ୍ଷକ ଭାବେ ସୁଶାନ୍ତ ଶେଖର ବିଶ୍ୱାଳ,ଉପ-ପର୍ଯ୍ୟବେକ୍ଷକ ଭାବେ ରବୀନ୍ଦ୍ର ନାଥ ସାହୁ, ବିଦ୍ୟାଧରପୁର୍ ପଞ୍ଚାୟତ ପାଇଁ ସରୋଜ କୁମାର ରାୟ, ଉପ-ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ ଜେନା, ଛପଡ଼ା ପଞ୍ଚାୟତ ପାଇଁ ପର୍ଯ୍ୟବ୍ୟକ୍ଷକ ଭାବେ ଗୌତମ ପାଲିତ, ଉପ-ପର୍ଯ୍ୟବେକ୍ଷକ ଭାବେ ମାନସ ରଞ୍ଜନ ପଣ୍ଡା, ଧରାଧରପୁର ପଞ୍ଚାୟତ ପାଇଁ ପର୍ଯ୍ୟବ୍ୟକ୍ଷକ ଭାବେ ମାନସ ରଞ୍ଜନ ଦାସ, ଉପ-ପର୍ଯ୍ୟବେକ୍ଷକ ଭାବେ ଅଜୟ ସାମଲ, ଏରଡଙ୍ଗା ପଞ୍ଚାୟତ ପାଇଁ ପ୍ରତାପ ମହାପାତ୍ର, ବସନ୍ତ ବାରିକ୍, ଗୁଆଳିପୁର ପଞ୍ଚାୟତ ପାଇଁ ସୁରେଶ ଚନ୍ଦ୍ର ରାଉତ, ରାଜେଶ ମିଶ୍ର, ଜଗନ୍ନାଥପୁର ପଞ୍ଚାୟତ ପାଇଁ ରବୀନ୍ଦ୍ର ନାଥ ସ୍ୱାଇଁ, ଶକ୍ତି ଶଙ୍କର ପଟ୍ଟନାୟକ, ଜୟଷୋଳ ପଞ୍ଚାୟତ ପାଇଁ ବିରେନ୍ଦ୍ର ସ୍ୱାଇଁ, ଜାହାଙ୍ଗୀର ବେଗ୍, ପୂରଣ ଓଡ଼ପଡ଼ା ପଞ୍ଚାୟତ ପର୍ଯ୍ୟବ୍ୟକ୍ଷକ ଭାବେ ଅନ୍ତର୍ଯ୍ୟାମୀ ରାଉତ, ଉପପର୍ଯ୍ୟବ୍ୟକ୍ଷକ ଭାବେ ଚନ୍ଦ୍ରକାନ୍ତ ପଣ୍ଡା, ପୁରୁଣାବସନ୍ତ ପଞ୍ଚାୟତ ପାଇଁ ବିଶ୍ୱଜିତ୍ ଦାସ, ଜୋସେଫ ସ୍ୱାଇଁ, ରାଢ଼ଙ୍ଗ ପଞ୍ଚାୟତ ପାଇଁ ମନୋରଞ୍ଜନ ରାୟ, ସଞ୍ଜୟ ବିଶ୍ୱାଳ, ରେଢୁଆ ପଞ୍ଚାୟତ ପାଇଁ ତାରାକାନ୍ତ ଜେନା, ସଚିତ୍ର ସ୍ୱାଇଁ, ରଘୁନାଥପୁର ପଞ୍ଚାୟତ ପାଇଁ ପର୍ଯ୍ୟବ୍ୟକ୍ଷକ ଭାବେ ସୁରେନ୍ଦ୍ର ନାଥ ମହାପାତ୍ର, ଉପ-ପର୍ଯ୍ୟବେକ୍ଷକ ନିହାର ରଞ୍ଜନ ସାହୁ, ସାଦେଇପୁର ପଞ୍ଚାୟତ ପାଇଁ ଏମ୍. ଡି ଇଲିଆସ ଖାଁ, ପ୍ରତାପ ପଟ୍ଟନାୟକ, ତଅଁରା ପଞ୍ଚାୟତ ପାଇଁ ବିଚିତ୍ର ସ୍ୱାଇଁ, ବିମୋଦ ଜେନା,ତାରପୁର ପଞ୍ଚାୟତ ପାଇଁ, ସୋଦେସ ଦାସ,ଅନିଲ ମହାନ୍ତି, ତରିକୁନ୍ଦ ପଞ୍ଚାୟତ ପାଇଁ ରହିମ୍ ଖାଁ, ସୁଶାନ୍ତ ଜେନା ନିଯୁକ୍ତି ପାଇଛନ୍ତି।

## ୯ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର,୧।୩(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୯ ତାରିଖରେ ସମସ୍ତ କୋର୍ଟ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମୋକଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

ଲୋକ ଅଦାଲତରେ ମୋକଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୁଡାନ୍ତ। ଯଦି କୌଣସି ବିଚାରାଧିନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଏହାର ସୁଯୋଗ ନେବାକୁ ଆଇନସେବା ପ୍ରାଧିକରଣ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଛି। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ମା' ଶାରଳା ଉପାସକଙ୍କ ପରଲୋକ

ତିର୍ତ୍ତୋଲ,୧।୩(ସମିସ): ପ୍ରସିଦ୍ଧ ଝଙ୍କଡ କନକପୁର ଶାସନ ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ସାରଦା ପ୍ରସାଦ ମହାନ୍ତିଙ୍କ ହୃତଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ମା'ଶାରଳାଙ୍କ ଉପାସକ ଥିଲେ। ମା'ଙ୍କୁ ଦୈନିକ ମାଳା ପ୍ରଦାନ କରିବା ତାଙ୍କର କାର୍ଯ୍ୟ ଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଅରବିନ୍ଦ(ରୁନୁ) ମୁଖାଗ୍ନି ଦେଇଥିଲେ।

## 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

**ବିରିଡି,୧।୩(ସମିସ):** ବିରିଡି ବ୍ଲକ ପୂରଣ ପଞ୍ଚାୟତରେ ବିଜେଡି ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତରେ ଥିବା ବୁଥ କମିଟି ଗଠନ କରାଯିବାସହ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କିପରି କରାଯିବ ଆଲୋଚନା ହୋଇଥିଲା। ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ପୂର୍ବତନ ସରପଞ୍ଚ ପ୍ରବୋଧ ତ୍ରିପାଠୀ, ସୁଭଦ୍ରା ଭୋଇ, ବରିଷ୍ଠ ନେତା ସୁଦର୍ଶନ ବେହେରା, ପ୍ରବୀର ଦାସ, ପ୍ରଶାନ୍ତ ବେହେରା, ପ୍ରଦ୍ୟୁମ୍ନ ଦାସ, ମାନସ ଦାସ, ଭଗବାନ ପାଢୀ, କୃପାସିନ୍ଧୁ ଭୋଇ, ରଜନୀ କଣ୍ଟ ତ୍ରିପାଠୀ,ଏନକେ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେପି କନ୍‌ଭେନର ହେଲେ ସୁବୋଧ

**ବିରିଡି,୧।୩(ସମିସ):** ଜଗତ୍‌ସିଂହପୁର ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକଙ୍କୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କନଭେନର ଭାବେ ନୂତନ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ବିଜେପି ରାଜ୍ୟ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ଏବଂ ଦଳର ସାଙ୍ଗଠନିକ ଦକ୍ଷତା ଥିବା ବାରିକଙ୍କ ଉପରେ ଦଳ ଅସ୍ଥାପ୍ରକଟ କରି ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସୂଚନା ଯୋଗ୍ୟଯେ ସେ ୨୦୦୦ ମସିହାରୁ ୨୦୦୮ ପର୍ଯ୍ୟନ୍ତ ଛାତ୍ର ସଂଗଠନର ମୁଖ୍ୟ ଦାୟିତ୍ୱ ତୁଲାଇ ଥିବାବେଳେ ୨୦୨୦ରୁ ଜଗତ୍‌ସିଂହପୁର ଜିଲ୍ଲା ଓବିସି ମୋର୍ଚ୍ଚା ଦୟିତ୍ୱରେ ରହିଛନ୍ତି।

## ଗୋଡ଼ାର ଶୁଭ୍ରଜିତଙ୍କୁ ବାଣିଜ୍ୟ ସ୍ନାତକରେ ସ୍ୱର୍ଣ୍ଣ



**ଏରସମା,୧।୩(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ବାଣିଜ୍ୟ ବିଭାଗ ସ୍ନାତକରେ ସ୍ୱର୍ଣ୍ଣ ପଦକ ଓ ସାର୍ଟିଫିକେଟ ପାଇ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ସୂଚନା ଯୋଗ୍ୟ ଏହି ଉତ୍ସବରେ ବାଣିଜ୍ୟ ବିଭାଗର ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ମହାମହିମ ସମ୍ବର୍ଦ୍ଧିତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହି ୩ଜଣଙ୍କ ମଧ୍ୟରେ ଗୋଡା ପଞ୍ଚାୟତର ଗୋଡା ଗ୍ରାମର ସ୍ୱର୍ଗତ କେଦାର ନାଥ ସ୍ୱାଇଁ ଏବଂ ସୁଭଦ୍ରା ଜେନାଙ୍କ ପୁତ୍ର ଶୁଭଜିତ ଏହି ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି। ତାଙ୍କର ଏହି ସଫଳତା ପାଇବା ଖବର ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ତାଙ୍କୁ ବିପୁଳ ସଂଖ୍ୟାରେ ଶୁଭେଚ୍ଛା ମିଳିଛି।

# କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରାକୃତିକ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଗତସିଂହପୁର,୧।୩(ସମିସ)

ଜିଲ୍ଲାର ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ,କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଜୀବନଜୀତ୍ ସେନ୍‌ଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାକୃତିକ କୃଷି ସମ୍ବନ୍ଧରେ ଦୁଇଦିନିଆ ପ୍ରଶିକ୍ଷଣ ଓ ସଚେତନା ଶିବିର ଅନୁଷ୍ଠିତ ହେଇଯାଇଛି। ପ୍ରାକୃତିକ ଉପାୟରେ ଜୈବିକସାର ପ୍ରସ୍ତୁତି କରି ଓ ଉତ୍ପାଦନକ୍ଷମ ଫସଲରେ ପ୍ରୟୋଗ କରି କିପରି ଭଲ ଆମଦାନୀ କରିହେବ ସେ ସମ୍ବନ୍ଧରେ ଦୁଇଦିନଧରି ବିଶେଷଜ୍ଞମାନଙ୍କ ଦ୍ୱାରା ଚାଷୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୪୦ଜଣ କୃଷିମିତ୍ର, ପ୍ରାଣୀମିତ୍ର ଓ ପ୍ରାକୃତିକ କୃଷିରେ ଜଡିତ ଥିବା ଚାଷୀ ଏବଂ ପ୍ରାକୃତିକ କୃଷି ନିମନ୍ତେ ଇଚ୍ଛୁକ ଥିବା ଚାଷୀମାନେ ଯୋଗଦାନ କରିଥିଲେ। ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ବିଷୟରେ ଚାଷୀମାନଙ୍କୁ ବୁଝାଇବା ସହ ମୃତ୍ତିକାରେ ଉପକାରୀ ଅଣୁଜୀବ କିପରି ବଢାଯାଇପାରିବ ଏବଂ ଏହାଦ୍ୱାରା ମୃତ୍ତିକାର ମାନ କିପରି ବଢିଥାଏ ସେ ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଥିଲା। ମୃତ୍ତିକା ବିଭାଗର ବୈଜ୍ଞାନିକ ଡକ୍ଟର ପ୍ରଦୀପ୍ତ ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଯଥା ରୋଗପୋକ ବିଭାଗର ବୈଜ୍ଞାନିକ ଡଃ ଦେବାଶିଷ ପଣ୍ଡା, କୃଷି ଯନ୍ତ୍ରପାତି ବିଭାଗର ବୈଜ୍ଞାନିକ ଡଃ ଦ୍ୱାରିକା ମୋହନ ଦାସ, ଗୃହ ବିଜ୍ଞାନର ବୈଜ୍ଞାନିକ ସସ୍ମିତା ପୁରୋହିତ, ମତ୍ସ୍ୟ ବିଭାଗର ସହାୟିକା ସରିତା ଦାସ, ଉଦ୍ଭିଦ ପରୀକ୍ଷାଗାରର ସହାୟିକା ବିଜୟିନୀ ସାହୁ ଓ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିଭାଗୀୟ ଅଣଦେଖା; ଭୁଶୁଡ଼ିବ ପୁରୁଣା କଲଭର୍ଟ



■ ବିଚ୍ଛିନ୍ନ ହେବ ୧୦ ପଞ୍ଚାୟତ
■ ସବୁ ଦେଖି ବି ନିରବ ପ୍ରଶାସନ

**ଓଳାଭର, ୧।୩(ସମିସ):**

ରାଜକନିକା- ସିଂହପୁର ୨୦ ନମ୍ବର ରାଜ୍ୟ ରାଜପଥ ସିହୋପଡ଼ା -ଆଗପଡ଼ା ପୂର୍ତ୍ତବିଭାଗ ରାସ୍ତାରେ ଥିବା କଲଭର୍ଟଟି ଏବେ ଶୋଚନୀୟ ହୋଇ ପଡ଼ିଛି । କେତେବେଳେ ଯେ ଭୁଶୁଡି ପଡ଼ିବ ତାହା କହିହେବନି । ଅଥଚ ପ୍ରତିଦିନ ଏହି କଲଭର୍ଟ ଦେଇ ବିଭାଗୀୟ ଅଧିକାରୀ, ବ୍ଲକର ସବୁ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତୃବୃନ୍ଦ ଯାଉଥିଲେ ବି କାହାର ଏଥିପ୍ରତି ନିଘା ଥିବା ଭଳି ମନେହେଉନି । ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନା ଅନୁସାରେ ପ୍ରାୟ ୨୦ ବର୍ଷ ତଳେ ଏହି କଲଭର୍ଟର ପୁନରୁଦ୍ଧାର ହୋଇଥିଲା । ତେବେ ତାହା ନିମ୍ନମାନର କାମ ହୋଇଥିବା ଯୋଗୁଁ କଲଭର୍ଟଟି ଏବେ ଦବି ଦବି ଗଲାଣି । ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଏବେ କଲଭର୍ଟକୁ ଛାଡି ବିଶାଳ ଗାତ ଦୃଶ୍ୟମାନ ହେଉଛି । କୌଣସି ଗାଡି ବି କଲଭର୍ଟ ଦେଇ ଯିବାକୁ ହେଲେ ଅତି ସତର୍କତାର ସହ ଯିବାକୁ ପଡୁଛି । ବହୁ ଅଜଣା ବାଇକ୍ ଆରୋହୀ ରାତି ଅନ୍ଧାରରେ କଲଭର୍ଟର ବିପର୍ଯ୍ୟସ୍ତ ସ୍ଥିତି ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏମିତିକି ଦିନବେଳା ମଧ୍ୟ ଏହି କଲଭର୍ଟ ପାଖରେ ବାଇକ୍ ଆରୋହୀ ଛିଟିକି ପଡ଼ି ଖଣ୍ଡିଆଖାବରା ହେଉଛନ୍ତି । ଏ ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭାଗୀୟ ଅଧିକାରୀଙ୍କ ସହିତ ସମସ୍ତ ଅଧିକାରୀ ଏହି ରାସ୍ତାରେ ଯାଉଥିଲେ ବି ନଜର ପଡୁନି । ଏହା ସହିତ ସିହୋପଡ଼ା ହନୁମାନ ପାଖ କଲଭର୍ଟବି ଦିନକୁ ଦିନ ଶୋଚନୀୟ ହୋଇପଡ଼ିଲାଣି ।

ପ୍ରକାଶ ଯେ, ରାଜ୍ୟ ରାଜପଥର ଏକମାତ୍ର ଏହି ରାସ୍ତାରେ କଟକ, ଭୁବନେଶ୍ୱର, ଯାଜପୁର, ରାଉରକେଲା, କଲିକତା ଭଳି ସହରକୁ ସିଧା ବସ୍ ସେବା ସହିତ ଏହି ରାସ୍ତା ଉପରେ ପଶ୍ଚିମ କନିକାର ପ୍ରାୟ ୧୦ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି । ଏମିତିକି ଆମ୍ବୁଲାନ୍ସ ଆଉ ଦମକଳ ଗାଡି ମଧ୍ୟ ଯାତାୟାତ କରିଥାଏ । ଯଦି ଏଭଳି ଏକ ବ୍ୟସ୍ତବହୁଳ ରାସ୍ତାର କଲଭର୍ଟକୁ ମରାମତି କରା ନ ଯାଏ ତେବେ ଭୁଶୁଡିବାର ଆଶଙ୍କା ରହିଛି । ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଦୁଇ ବଖରା ଜଳିଗଲା

**ଡେରାବିଶ, ୧।୩(ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି । ଗ୍ରାମର ଖତୁ ମଳିକ ଓ ରଞ୍ଜୀ ମଳିକ ଉଭୟ ପରିବାର ସବୁଦିନ ଭଳି ଖାଇସାରି ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି କାରଣରୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା । ପଡୋଶୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା । କେନ୍ଦ୍ରାପଡ଼ାରୁ ଦମକଳ ଗାଡ଼ି ଆସି ନିଆଁକୁ ଆୟତ କରିଥିଲା । ସେତେବେଳକୁ ଘରର ସମସ୍ତ ଆସବାବପତ୍ର ଓ ଧାନ ଚାଉଳ ପୋଡି ପାଉଁଶ ହୋଇସାରିଥିଲା । ସରପଞ୍ଚ ଶଙ୍କର୍ଷଣ ପରିଡ଼ା ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି ।



**ଆଇନ୍‌ଶୃଙ୍ଖଳା ରକ୍ଷା ନାଁରେ ନିର୍ଯାତନା ଅଭିଯୋଗ**

# ୬ରେ ଧାରଣା ଦେବେ ବାସୁଦେବ

**ଜଗତସିଂହପୁର, ୧।୩(ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ଆଇନ୍‌ଶୃଙ୍ଖଳା ରକ୍ଷା ନାମରେ ପ୍ରଶାସନ ପକ୍ଷରୁ ହଜାର ହଜାର ଯୁବକ ତଥା ନିରୀହ ଜନସାଧାରଣଙ୍କ ନାମରେ ଫୌଜଦାରୀ କାର୍ଯ୍ୟବିଧି ଆଇନ ୧୦୭ ଦଫାରେ ମାମଲା ଦିଆଯାଉଛି । ଏହି ଦଫାରେ ମାମଲା ହେଉଥିବା ଲୋକ ବାସ୍ତବରେ ଦୋଷୀ ନୁହଁନ୍ତି । ଅଯଥା ନିରୀହ ଲୋକଙ୍କୁ ଆଇନର ଜାଲରେ ଛନ୍ଦି ଦିଆଯାଉଛି । ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କ ନାମରେ ମାମଲା ହେବା ଦ୍ୱାରା ନାଗରିକର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ଜିଲ୍ଲାର ଜଣାଶୁଣା ସମାଜସେବୀ ଆଡ଼ଭୋକେଟ ବାସୁଦେବ ଅଭିଯୋଗ କରିଛନ୍ତି । ଜଗତସିଂହପୁର ଜିଲ୍ଲାରେ ବର୍ତ୍ତମାନ ହଜାର ହଜାର ସଂଖ୍ୟାରେ ଏହି କେଶ୍ କରାଯାଇ ସେମାନଙ୍କଠାରୁ ଧମକାଇ ବଣ୍ଡ ନିଆଯାଉଛି । ଏଥିପାଇଁ ପ୍ରତିବାଦ କରିବାର ଆବଶ୍ୟକତା ରହିଛି । ସେହିପରି ଗତବର୍ଷ ଜାନୁୟାରୀ ମାସରେ ଆନ୍ଦୋଳନବେଳେ କେତେଜଣଙ୍କ ନାମରେ ୧୦୭ ଦଫାରେ ମାମଲା ହୋଇଥିଲା । ସେହି କେଶ୍‌ରେ ସେମାନେ ଲଢିବା ପରେ ଶେଷହେଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ପୁନର୍ବାର ସେହି ବର୍ଷକ ତଳର ଅଭିଯୋଗ ଉପରେ ଏବେ ପୁଣି ଦୁଇଟି ୧୦୭ କେସ୍ ହୋଇଛି । ବର୍ତ୍ତମାନ ପ୍ରଶାସନ ପକ୍ଷରୁ ସେମାନେ କିପରି ବଣ୍ଡ ଦେବେ ଯୋଜନା ଚାଲିଛି ବୋଲି ଶ୍ରୀ ବାସୁଦେବ ଅଭିଯୋଗ କରିଛନ୍ତି । ଏହା ବିରୋଧରେ ବୁଧବାର ମାର୍ଚ୍ଚ ୬ ତାରିଖରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଆଡ଼ଭୋକେଟ ବାସୁଦେବ କହିଛନ୍ତି ।

# ବାଇକ୍ ଉପରେ ଚଢ଼ିଗଲା ଟ୍ରେଲର; ଚାଳକ ମୃତ

**ପାରାଦୀପ, ୧।୩(ସମିସ):** ପାରାଦୀପ ଲକ୍‌ଥାନା ଅଞ୍ଚଳ ପାରାଦୀପ ଗଡ଼ ମାରୁତି କଣ୍ଟା ନିକଟରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରେଲର ବାଇକ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀର ମୃତ୍ୟୁ ଘଟିଛି । ଘଟଣାରୁ ଜଣାଯାଏ ଆଜି ମଧ୍ୟାହ୍ନରେ ପାରାଦୀପକୁ ବାଇକ୍ ଯୋଗେ ଆସୁଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ଯଦୁପୁର ଗ୍ରାମର ଅରକ୍ଷିତ ସାହୁ । ପାରାଦୀପଗଡ଼ ମାରୁତି କଣ୍ଟା ନିକଟରେ ଏକ ଟ୍ରେଲର (ନଂ. ଓଡି-୦୨-ବିସି-୦୩୯୭) ଦ୍ରୁତ ଗତିରେ ଆସି ଅରକ୍ଷିତଙ୍କ ବାଇକ୍‌କୁ



ଧକ୍କା ଦେଇଥିଲା । ଅରକ୍ଷିତ ତଳେ ପଡ଼ିଯିବାପରେ ଟ୍ରେଲରଟି ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ଅରକ୍ଷିତଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପାରାଦୀପ ଲକ୍ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଅଟକ ରଖି ତଦନ୍ତ ଚଳାଇଛି ।

# ଗ୍ରାମାଞ୍ଚଳ ପାରିବାରିକ ଘଟଣାକୁ ନେଇ ପରିବେଷଣ ହେବ ନାଟକ

**ଗରଦପୁର, ୧।୩(ସମିସ):** ପଦ୍ମପୁର ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ ଗୋପାଳଜିୟୁ ଡ୍ରାମାଟିକ୍ କ୍ଲବ ଦ୍ୱାରା ପରିବେଷଣ ହେବାକୁ ଯାଉଛି ଦୁଇଟି ନାଟକ । ଏନେଇ ସାଂସ୍କୃତିକ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଓ କଳାକାରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ୧୨ ଏବଂ ୧୩ ତାରିଖରେ ହେବାକୁ ଯାଉଥିବା ଏହି ଦୁଇଟି ପାରିବାରିକ ଘଟଣାର ଚର୍ଚ୍ଚିତ କାହାଣୀର ନାଟକ ପ୍ରଥମ ରାତିରେ 'ଆସିଛି ଏକା ଯିବି ମୁଁ ଏକା' ଓ ଦ୍ୱିତୀୟ ରାତିରେ 'ଗୁପ୍ତ ସମ୍ପର୍କ' ପରିବେଷିତ ହେବ । ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ବାରିକ ଓ ଉପେନ୍ଦ୍ର ଦାଶ ଏହାର ନିର୍ଦ୍ଦେଶନା ଦେଉଥିବା ବେଳେ ପଦ୍ମପୁର କିଣିଲୋ ଗ୍ରାମର କଳାକାର ଏଥିରେ ଅଭିନୟ କରିବେ । ଏହି ଅବସରରେ ବହୁ ସୁନାମଧନ୍ୟ କଳାକାରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ପରିଚାଳନା କମିଟିର ମୁଖ୍ୟ ପରିଚାଳକ ରତିକାନ୍ତ ରାଉତ ଏବଂ ସହ ପରିଚାଳକ ବିଷ୍ଣୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବାବେଳେ ମାଷ୍ଟର ମୋହନ ସେନାପତି ନୃତ୍ୟ ନିର୍ଦ୍ଦେଶନା ଦେଉଛନ୍ତି । ଏଥିରେ କଳାକାର ଭାବେ ଦେବେନ୍ଦ୍ର ରାଉତ, ସିଲନ ରାଉତ, ରମେଶ ଚନ୍ଦ୍ର ରାଉତ, ଶୁଭେନ୍ଦୁ ରାଉତ, ଶାସ୍ତ୍ରୀ ସଶାଙ୍କ ଶେଖର ପଣ୍ଡା, ମୁକ୍ତେଶ୍ୱର ସ୍ୱାଇଁ, ନବୀନ ରାଉତ, ରାକେଶ ଲେଙ୍କା, ନବୀନ ମହାନ୍ତି, ବସନ୍ତ ବେହେରା, ସନ୍ତୋଷ ବେହେରା, ସନ୍ଦୀପ ରାଉତ, ଶୁଶାନ୍ତ କୁମାର ମଲ୍ଲିକ, ରଶ୍ମିରଞ୍ଜନ ପରିଡ଼ା, ଦିଲ୍ଲୀପ ରାଉତ, ଦେବ ପ୍ରସାଦ ବାରିକ, ନରେଶ ଚନ୍ଦ୍ର ରାଉତ, ପ୍ରିୟନାଥ ସୂତାର, ଅଭିରାମ ବାରିକ ପ୍ରମୁଖ ଅଭିନୟ କରିବେ ।

# ଜାତୀୟ ରିଆଲିଟି ସୋ'ରେ ଓଡ଼ିଆ ଯୁବକଙ୍କ କମାଲ୍

**ପଟ୍ଟାମୁଣ୍ଡାଇ, ୧।୩(ସମିସ):** ଦୀର୍ଘ ତିନିମାସ ଧରି ଚାଲିଥିବା ଷ୍ଟାର ପ୍ଲସ ଟିଭି ଚ୍ୟାନେଲ ଓ ହଟ୍ ଷ୍ଟାର୍‌ରେ ଜାତୀୟସ୍ତରୀୟ ଡାନ୍ସ ରିଆଲିଟି ସୋ'ରେ ପଟ୍ଟାମୁଣ୍ଡାଇର ଯୁବକ ତଥା ନୃତ୍ୟାନୁଷ୍ଠାନ ଫିଟ୍ ଅଫ ଫାୟାର ଡାନ୍ସ ଏକାଡେମୀର ଛାତ୍ର ରାକେଶ ସାହୁ ଏକମାତ୍ର ଓଡିଆ ଭାବେ ରନର୍ସ ଅପ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ସାନଜରିଆ ଗ୍ରାମର ରାକେଶଙ୍କ ଏହି ସଫଳତା କେନ୍ଦ୍ରାପଡ଼ା ଜିଲ୍ଲା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କୁ ଗୌରବାନ୍ୱିତ କରିଛି । ଏହାକୁ ନେଇ ଡାନ୍ସ ଏକାଡେମୀର ସମସ୍ତ ସଦସ୍ୟ, ଅଭିଭାବକ ଓ ପିଲାମାନେ ଆନନ୍ଦିତ ହେବା ସହିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଜେଶଙ୍କୁ ଏବେ ବିଭିନ୍ନ ମହଲରୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟୁଛି ।




# ମହିଳା ଅପହରଣ ମାମଲା; ଅଭିଯୁକ୍ତ ଗିରଫ

**ଡେରାବିଶ, ୧।୩(ସମିସ):** ଡେରାବିଶ ଥାନା ପକ୍ଷରୁ ଗୁରୁବାର ରାତିରେ ଜଣେ ମହିଳାଙ୍କୁ ଅପହରଣ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୩ ମସିହାରେ ଥାନା ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ ଡେରାକେଶପୁର ଗ୍ରାମରେ ଜଣେ ମହିଳାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରିଥିଲା । ସେହିଦିନଠାରୁ ଅଭିଯୁକ୍ତ ପପୁ ମଳିକ ଫେରାର ଥିଲା । ଗୁରୁବାର ରାତିରେ ପପୁ ଘରେ ଥିବା ଖବରପାଇ ପୁଲିସ ତାକୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ପାରାଦୀପ ବନ୍ଦରରେ ବୃହତ୍‌କାୟ ପଣ୍ୟବାହୀ ଜାହାଜ




**ପାରାଦୀପ, ୧।୩(ସମିସ):** ପାରାଦୀପ ବନ୍ଦରରେ ଲାଗିଛି ଏକ ବୃହତକାୟ ପଣ୍ୟବାହି ଜାହାଜ । କେଆଇସିଟିପିଏଲ୍ ବର୍ଥରେ ଏହି ବୃହତକାୟ ଜାହାଜ ଲାଗିଛି । ଏମ.ଭି. ସିଲୋଡର ନାମକ ଏହି ଜାହାଜରେ ସର୍ବାଧିକ ୧ଲକ୍ଷ ୪୯ହଜାର ୪୮୧ ମେଟ୍ରିକ୍ ଟନ୍ ଆମଦାନୀ କୋଇଲା ଖଲାସ କରାଯିବ । ପାରାଦୀପ ବନ୍ଦରକୁ ଆସିଥିବା ସମସ୍ତ ଜାହାଜମାନଙ୍କ ମଧ୍ୟରେ ଏମ.ଭି. ସିଲୋଡର ବୃହତ୍ତ ବୋଲି ଜଣା ପଡ଼ିଛି । ଏଭଳି ବୃହତକାୟ ଜାହାଜ ପରିଚାଳନା କରି ପାରାଦୀପ ବନ୍ଦର ପୁଣି ଥରେ ନିଜର ସ୍ୱତନ୍ତ୍ର ଇତିହାସ ରଚନା କରିଛି ।

# ଶିକ୍ଷୟିତ୍ରୀ କାକୁଲି ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**କେନ୍ଦ୍ରାପଡ଼ା, ୧।୩(ସମିସ):** ଶିକ୍ଷୟିତ୍ରୀ କାକୁଲି ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ବିରସ୍ୱତୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କାକୁଲି ମଲ୍ଲିକ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ସର୍ବୋତ୍ତମ ଆଦର୍ଶ ପ୍ରାଥମିକ ଶିକ୍ଷକ ଭାବେ ଏହି ପୁରସ୍କାର ପାଇଛନ୍ତି । ଏହି ଅବସରରେ ଗତ ରବିବାର କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମାବେଶରେ ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକ ଛାତ୍ରଛାତ୍ରୀଙ୍କ ପାଇଁ ଅକ୍ଳାନ୍ତ ପରିଶ୍ରମ, କର୍ତ୍ତବ୍ୟ ବୋଧ, ନିଷ୍ଠାପର ଉଦ୍ୟମ ଓ ଛାତ୍ରଛାତ୍ରୀଙ୍କୁ ଭଲପାଇବା ହିଁ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛି । ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକ ଏଥି ପୂର୍ବରୁ ଉତ୍କଳ ଦିବସରେ ଜିଲ୍ଲାର କୃତି ଶିକ୍ଷୟିତ୍ରୀ ସମ୍ମାନ ସହ ଜିଲ୍ଲା ପୁରସ୍କାର ଭଳି ବହୁ ସମ୍ମାନ ଲାଭ କରିଛନ୍ତି । ଜଣେ ଖ୍ୟାତନାମା କବି ଓ ରିସୋର୍ସ ପର୍ସନ ଭାବରେ ଏକ ସ୍ୱତନ୍ତ୍ର ପରିଚିତ୍ ହାସଲ କରିଥିବା ଶ୍ରୀମତୀ ମଲ୍ଲିକ କୃତି ଶିକ୍ଷୟତ୍ରୀ ସମ୍ମାନ ମଧ୍ୟ ପାଇଛନ୍ତି । ଏଭଳି ସଫଳତା ପାଇଁ ସହକର୍ମୀ, ମଣ୍ଡଳ ଶିକ୍ଷା ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ, ସ୍ୱାମୀ ମନୋରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀମତୀ ମଲ୍ଲିକ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦର ସହ ସମ୍ପାଦିକା ଓ 'ଧୂଳିଘର' ଶିଶୁ ପତ୍ରିକାର ସମ୍ପାଦିକା ରହିଥିବା ବେଳେ ୩ଖଣ୍ଡ କବିତା ପୁସ୍ତକ ରଚନା କରି ବେଶ ଚର୍ଚ୍ଚିତ ହୋଇପାରିଛନ୍ତି ।

# 'ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ମହିଳାଙ୍କ ଭୂମିକା' ଶୀର୍ଷକ କର୍ମଶାଳା



**ମହାକାଳପଡ଼ା, ୧।୩(ସମିସ):** ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଉଛି । ଫଳରେ ବିଗିଡ଼ି ଯାଉଛି ପାଣିପାଗ । ଜଳବାୟୁ ପରିବର୍ତ୍ତନକୁ ନେଇ ସାରା ବିଶ୍ୱ ଆଜି ଚିନ୍ତିତ । ଫସଲ ହାନୀ ଘଟୁଛି ତାହା ସହିତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି । ଜଳବାୟୁ ପରିବର୍ତ୍ତନର ମୁକାବିଲା ନେଇ ମହିଳା ମାନଙ୍କ ଭୂମିକା ଉପରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇଏମସିଏ ଟାଙ୍କିବେଲାରୀ ତରଫରୁ ଏକ ଦିନିକିଆ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମହାକାଳପଡ଼ା ବ୍ଲକ ଟାଙ୍କିବେଲାରୀସ୍ଥିତ ଅନୁଷ୍ଠାନରର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁଷ୍ଠାନ ସମ୍ପାଦକ ଶୁଭ୍ରକାନ୍ତ ସାମଲଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଜମ୍ବୁ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ 'ଭାରତ' ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟ କୁମାର ବେହେରା ଓ ବିଶିଷ୍ଟ ପରିବେଶବିତ ସମରେନ୍ଦ୍ର ମାହାଳୀ ଯୋଗ ଦେଇଥିଲେ । ବ୍ୟାପକ ଶିଳ୍ପାୟନ, ବାସସ୍ଥାନ ରାସ୍ତା ଘାଟ ପାଇଁ ଜଙ୍ଗଲ ହ୍ରାସ, ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହୋଇଥିବା ବେଳେ ଏହାକୁ ମୁକାବିଲା ପାଇଁ ନିଜ ବାଡି ବଗିଚାରେ ଗଛ ଲଗାଇବା ସହିତ, ପଲିଥିନ ଓ ଅଳିଆ ଆବର୍ଜ୍ଜନା ବ୍ୟବହାର କରି ଜୈବିକ ଖତ ପ୍ରସ୍ତୁତ କରି କୃଷି କ୍ଷେତ୍ରରେ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କର୍ମଶାଳାରେ ସିଆରପି ଲିଜା ସ୍ୱାଇଁ, ସ୍ୱପ୍ନାରାଣି ପୃଷ୍ଟିଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ ।

**ବିଦ୍ୟୁତ୍ ବିଲ୍ ନଦେବା ଯୋଗୁ ଦୁଇଟି ପାନୀୟ ଜଳ ପ୍ରକଳ୍ପ ବନ୍ଦ**

# ପାଞ୍ଚଦିନ ହେଲା ଦହଗଞ୍ଜ ବେଣିପୁର ପଞ୍ଚାୟତବାସୀ



**ପଞ୍ଚୁପାଣ୍ଡବ, ୧।୩(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତରେ ବିଦ୍ୟୁତ୍ ଦେୟ ନଦେବା ଯୋଗୁ ଦୁଇଟି ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି । ସୂଚନାରୁ ପ୍ରକାଶ ଏହି ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁରସ୍ଥିତ ଗୋବରି ନଦୀ ପୋଲ ନିକଟରେ ଗୋଟିଏ ଓ ବେଣିପୁର ଗ୍ରାମରେ ଅନ୍ୟ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଏହି ଦୁଇଟି ପ୍ରକଳ୍ପରୁ ବେଣିପୁର ପଞ୍ଚାୟତର ବେଣିପୁର, ସଦାନନ୍ଦପୁର, ରାଇତୁଣ୍ଡି ଓ ବଜାର ଗ୍ରାମର ମୋଟ ୧୩ ଗୋଟି ୱାର୍ଡ଼ର ୪୦୦୦ ପରିବାରକୁ ପାଣି ଯୋଗାଇ ଦିଆଯାଇଥାଏ । ତେବେ ପଞ୍ଚାୟତ ପକ୍ଷରୁ ଏହି ଦୁଇଟି ପ୍ରକଳ୍ପ ନିମନ୍ତେ ଆସିଥିବା ବିଦ୍ୟୁତ୍ ବିଲ୍ ଦିଆଯାଇନଥିବାରୁ ଗତ ପାଞ୍ଚଦିନ ହେଲା ବିଦ୍ୟୁତ୍ ବିଭାଗ ଏହି ପ୍ରକଳ୍ପ ଦୁଇଟିରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଛନ୍ତି । ଯାହା ଫଳରେ ଉପରୋକ୍ତ ଗ୍ରାମର ୪୦୦୦ ପରିବାର ଲୋକ ପାଣି ବିନା ଡହଳ ବିକଳ ହେଉଥିବା ଜଣାଯାଇଛି । ତୁରନ୍ତ ବିଦ୍ୟୁତ୍ ବିଲ୍ ଭରଣା କରି ଏହି ପାନୀୟଜଳ ପ୍ରକଳ୍ପ ଦୁଇଟିକୁ ସଚଳ କରିବା ପାଇଁ ପ୍ରମିଳା ମଳିକ, ଅନାଦି ଚରଣ ବେହୁରା, ବାବୁଲା ପରିଡ଼ା, ସୀତାକାନ୍ତ ମଳିକ, ଶାନ୍ତିଲତା ପରିଡ଼ା, ସମର କେଶରୀ ସାମଲ, ଭଗବାନ ଘଡ଼ାଇ, ଛଇଲେନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି ।

**ଖରାଦିନ ଆରମ୍ଭରୁ ଜଳଯନ୍ତ୍ରଣା**

# ସବୁ ପଞ୍ଚାୟତରେ ପିଇବା ପାଣିକୁ ନେଇ ସମସ୍ୟା ବଢୁଛି

**ରାଜକନିକା, ୧।୩(ସମିସ):**

ଖରାଦିନ ଆରମ୍ଭ ମାତ୍ରକେ ରାଜକନିକା ବ୍ଲକର ସମସ୍ତ ୨୯ ପଞ୍ଚାୟତରେ ଜଳଯନ୍ତ୍ରଣା ଦେଖାଦେଲାଣି । ଗୋଟେ ପଟେ ପାଇପ ପାଣି ମିଳିବାକୁ ଥିବାରୁ ଆଉ ଅଧିକ ନଳକୂପ ଖନନ ଏକପ୍ରକାର ବନ୍ଦ ହୋଇଥିବା ବେଳେ ପୁରୁଣା ନଳକୂପର ସଠିକ ମରାମତି ନ ହେବା, ଜଳସ୍ତର କମିଯିବା, ପୁନଶ୍ଚ ସୋଲାର ସିଷ୍ଟମରେ ବସା ଯାଇଥିବା ପ୍ରକଳ୍ପ କାମ ନ କରିବା, ଗାଡ଼ିଆ ପୋଖରୀର ପାଣି ଆଉ କାରବାର ଉପଯୋଗୀ ହେଉ ନ ଥିବାରୁ ଉପକୂଳ ଅଞ୍ଚଳର ନଦୀ ଅବବାହିକାର ପଠା ରାଜକନିକାରେ ଜଳକଷ୍ଟ ଦେଖାଦେଲାଣି । ବ୍ଲକକୁ ପାଣି ଯୋଗାଇବାକୁ ୨୦୨୧ ମସିହାରୁ କ୍ୟାବିନେଟ ଅନୁମୋଦନରେ ମେଗା ପାନୀୟ ଜଳ ପ୍ରକଳ୍ପର ଘୋଷଣା ଆଉ ନିର୍ମାଣ ଏଯାବତ ଚୂଡାନ୍ତ ରୂପରେଖ ନେବାର ନାଁ ଗନ୍ଧ ବି ଧରିନାହିଁ । ପାନୀୟ ଜଳ ଯୋଗାଇବାକୁ ଦମ୍ଭ ଦେଖାଉଥିବା ଏହି ପ୍ରକଳ୍ପର କାମ କଛପ ଗତିରେ ଚାଲୁଥିବା ବେଳେ କେବେ ଓ କେମିତି ଲୋକଙ୍କୁ ଏଥିରୁ ପାଣି ମିଳିବ ତାହା କହିବା ମୁସ୍କିଲ । ନିର୍ବାଚନ ବର୍ଷ ଥିବାରୁ ଏହି ପ୍ରକଳ୍ପରୁ ପାଣି ପାଇବାକୁ ବହୁ ଆଗରୁ ବାହାସ୍ଫୋଟ ମାରୁଥିବା ସରକାରୀ ଉଦ୍ୟମ ଧୀରେ ଚେପା ହୋଇଯାଇଥିବା ବେଳେ ରାଜକନିକା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମଧ୍ୟ ଅନୁରୂପ ଭାବରେ ପାଇପ ପାଣିର ଦ୍ୱାହି ଦେଇ ଆଗଭଳି ଆଉ ତତ୍ପରତା ଦେଖାଉନାହିଁ । ଯଦିଓ ଦିନକୁ ଗୋଟିଏ ମୋବାଇଲ ଭ୍ୟାନ ଘୁରାଇ ଏହି ବିଭାଗ ସରପଞ୍ଚ ମାନଙ୍କ ଉପରେ ନଳକୂପ ମରାମତି ପାଇଁ ଯନ୍ତ୍ରାଂଶ ଯୋଗାଣ ଉପରେ ନିର୍ଭର କରୁଛି ସେପଟରେ ସରପଞ୍ଚ ମାନେ ମଧ୍ୟ ମରାମତି ବାବଦ ଯନ୍ତ୍ରପାତି କିଣିବାକୁ ଇଚ୍ଛା ପ୍ରକାଶ ନ କରିବା, କେବେ ବ୍ଲକ ପଇସା ଦେଉନି ଆମେ କଣ କରିବୁ ବୋଲି କହିବା ତ ଆଉ କେତେବେଳେ କେତେ କିଣିବୁ କହି ଦିନ ଗଡ଼ାଇ ଚାଲିବା ରାଜକନିକାବାସୀଙ୍କୁ ଜଳକଷ୍ଟରେ ବୁଡାଇ ରଖିଛି । କିଛିଦିନ ପୂର୍ବରୁ କାଟଣାବଣିଆ ଓ ତ୍ରୈଲୋକ୍ୟପୁର ପଞ୍ଚାୟତରେ ଟାଟା ପାୱାରର ପ୍ରିପେଡ଼ ମିଟର ବସିବାରୁ ପଇସା ସରିଯିବା ପରେ ପାଣି ଯୋଗାଣ ବନ୍ଦ ହେବା ସହ ଗତକାଲି ହାଟସାହି ପଞ୍ଚାୟତର ସରପଞ୍ଚ ବିଜୁଳି ବିଲ୍ ଭରିବା ପରେ ଲାଇନ ନ ମିଳିବାରୁ ଓଳାଭର ଷ୍ଟ୍ରକ୍‌ଚରରେ ଧାରଣା ଦେଇଥିଲେ । ମାର୍ଚ୍ଚମାସ ଆରମ୍ଭରୁ ଗାଁ ଗହଳିର ଥିବା ଜଳଉତ୍ସ ଶୁଖିବା ଆରମ୍ଭ କରିବା ସହ ଗୋରୁଗାଇ ପାଣି ପାଇବାକୁ ବି ହଇରାଣ ହେଲେଣି । ଚାରିପଟୁ ନଦୀ ନାଳ ଘେରି ରହିଥିବା ରାଜକନିକା ବ୍ଲକରେ ଚଳିତ ଗ୍ରୀଷ୍ମ ଋତୁ ଆରମ୍ଭରୁ ପାନୀୟ ଜଳକୁ ନେଇ ଜଳକଷ୍ଟ ତୀବ୍ର ହେବାକୁ ଯାଉଥିବାରୁ ଜିଲ୍ଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ପାନୀୟ ଜଳର ଯୋଗାଣର ସମସ୍ତ ଉତ୍ସ ଗୁଡିକୁ ସଠିକ ନିୟମରେ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି ।



